୬

ଟ୍ରଂରେ ଶେଷ ହେଲା ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ଇଷ୍ଟ ଓ ଦ୍ୟୁତି : ୫୩୪ ଷ୍ଟିତି

8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୯୩ ● ୨୪ ନଭେମ୍ବର ୨୦୨୬ ମଙ ଳବାର ● ଭୁବନେଶ୍ୱର ● Vol -33 ● Issue-293 ● 24th November 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ଅକଓ୍ୱାନ ପ୍ରଭାବିତ ଗଞ୍ଜାମ ଜିଲ୍ଲା ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

କ୍ଷତିଗ୍ରସ୍ତଙ୍କୁ ମିଳିବ ବର୍ଦ୍ଧିତ ହାରରେ ସହାୟତା ରାଶି

ଭୁବନେଶ୍ୱର, ୨୩।୧୧
ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନ ଆକାଶମାର୍ଗରୁ ଗଞ୍ଜାମ ଜିଲ୍ଲାର ବାତ୍ୟା ଅକଓ୍ୱାନ ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟ ମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଗଞ୍ଜାମରେ ଉପସ୍ଥିତ ଥିଲେ।

ସେମାନେ ସଡ଼କ ପଥରେ ପୁରୁଷୋତ୍ତମପୁର ଓ ଛତ୍ରପୁର ବ୍ଲକ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷ ଜମି ବୁଲି ଦେଖିବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ପୁରୁଷୋତ୍ତମପୁର ବ୍ଲକର ହାଣ୍ଡିଘର ଏବଂ ଛତ୍ରପୁର ବ୍ଲକର ବଉଳ ଗାଁରେ କ୍ଷତିଗ୍ରସ୍ତ ଚାଷଜମି ଅନୁଧ୍ୟାନ କରିଥିଲେ ଏବଂ ଗ୍ରାମବାସୀଙ୍କ ସହିତ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତି ଓ ସହାୟତା ବାବଦରେ ପଚାରି ବୁଝିଥିଲେ।

ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତି, ପୁନରୁଦ୍ଧାର ଓ ସହାୟତା ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହିତ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲା ପ୍ରଶାସନକୁ କ୍ଷୟକ୍ଷତିର ଆକଳନ ତୁରନ୍ତ ସାରି ଚଳିତ ମାସ ଶେଷ ସୁଦ୍ଧା ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାରେ ବାତ୍ୟା ଅର୍ଣ୍ଣବ ଓ ଅକଓ୍ୱାନ ଦ୍ୱାରା ଚାଷ ଜମି ଗୁଡିକ *(ପୃଷ୍ଠା ୭ରେ)*

ଆଜି ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟିତ ହେବ ଐତିହାସିକ ବାଲିଯାତ୍ରା

ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସ



କଟକ, ୨୩।୧୧ : ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାରଠାରୁ ଆରମ୍ଭ ହେବ ଓଡ଼ିଶାର ଐତିହାସିକ ଓ ପ୍ରସିଦ୍ଧ ବାଲିଯାତ୍ରା ମହୋତ୍ସବ। ଚଳିତବର୍ଷର ବାଲିଯାତ୍ରା ଉଦ୍‌ଘାଟନକୁ ନେଇ କଟକବାସୀଙ୍କ ମଧ୍ୟରେ ରହିଛି ସ୍ୱତନ୍ତ୍ର ଉତ୍ସାହ। ପ୍ରଥମଥର ପାଇଁ ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଐତିହାସିକ ମହୋତ୍ସବର ଉଦ୍‌ଘାଟନ କରିବେ। ଏଥିପାଇଁ ସଜେଇ ହୋଇଛି ସମଗ୍ର ରୌପ୍ୟନଗରୀ। ମହାନଦୀ କୂଳରେ ଆୟୋଜିତ ଏହି ମହାନ ଗଣପର୍ବ ଏଥର ରାଷ୍ଟ୍ରପତିଙ୍କ ଉପସ୍ଥିତି ପାଇଁ ଏକ ନୂଆ ଐତିହାସିକ ଅଧ୍ୟାୟ ଯୋଡ଼ିବାକୁ ଯାଉଛି।

ଚଳିତବର୍ଷର ଉଦ୍‌ଘାଟନୀ ସମାରୋହର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ରାଷ୍ଟ୍ରପତିଙ୍କ ମହାନଦୀ ଜଳଯାତ୍ରା। ରାଷ୍ଟ୍ରପତି ଭୁବନେଶ୍ୱରରୁ କଟକରେ ପହଞ୍ଚିବା ପରେ ସିଲଭର ସିଟି ବୋଟ୍ କ୍ଲବରୁ ସ୍ୱତନ୍ତ୍ର ଡଙ୍ଗା ଯୋଗେ ବାଲିଯାତ୍ରା ପଡ଼ିଆକୁ ଯାତ୍ରା କରିବେ। ଏଥିପାଇଁ 'କଳିଙ୍ଗ ତରଙ୍ଗିଣୀ' ନାମକ ସ୍ୱତନ୍ତ୍ର ଜଳଯାନ ପ୍ରସ୍ତୁତ କରାଯାଇଛି। ରାଷ୍ଟ୍ରପତିଙ୍କ ଡଙ୍ଗାକୁ ସୁରକ୍ଷା ଯୋଗାଇବା ପାଇଁ ୭ଟି ସୁରକ୍ଷା ଡଙ୍ଗା ମୁତୟନ ରହିଛି । ଏହି ସୁରକ୍ଷା ବ୍ୟବସ୍ଥାରେ ଭାରତୀୟ ନୌସେନା, ଅଗ୍ନିଶମ ବିଭାଗ ଏବଂ ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ୍ ଫୋର୍ସର କର୍ମଚାରୀ ସାମିଲ ହେବେ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ରାଷ୍ଟ୍ରପତି ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବା ପରେ କଟକ ଆସିବେ। ଅପରାହ୍ନ ୫ଟାରୁ ରାତି ୮ଟା ୧୫ ମଧ୍ୟରେ ସେ କଟକରେ ରହିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ସେ 'କଟକ ଇନ୍ କଟକ' ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ। ଏହି ପ୍ରଦର୍ଶନୀରେ କଟକର ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ବିଶେଷତ୍ୱକୁ ପ୍ରଦର୍ଶିତ କରାଯିବ। ଏହାପରେ ମୁଖ୍ୟ ମଞ୍ଚରୁ ରାଷ୍ଟ୍ରପତି ଆନୁଷ୍ଠାନିକ ଭାବେ ବାଲିଯାତ୍ରାର ଶୁଭାରମ୍ଭ କରିବେ। ଏହି ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ବ୍ରଜମୋହନ ରାମ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତିଙ୍କ ଗସ୍ତ ଏବଂ ମହୋତ୍ସବରେ ହେବାକୁ ଥିବା ଜନସମାଗମକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଯୋଜନା କରାଯାଇଛି। ପ୍ରାୟ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ୪୦୦ *(ପୃଷ୍ଠା ୭ରେ)*

ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ସଂଶୋଧନ) ବିଲ୍ ପାରିତ

ଭୁବନେଶ୍ୱର, ୨୩।୧୧ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ସଂଶୋଧନ) ବିଲ୍ ୨୦୨୬ ସୋମବାର ବିଧାନସଭାରେ ବିଚାର ଆଲୋଚନା ପରେ ପାରିତ ହୋଇଛି। ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଆଗତ ବିଲ୍ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଶେଷରେ ମନ୍ତ୍ରୀ ଉତ୍ତର ଦେବା ପରେ ବାଚନିକ ଭୋଟ୍‌ରେ ବିଲ୍‌ଟି ଗୃହର ଅନୁମୋଦନ ଲାଭ କରିଥିଲା।

ବିଦେଶ ଗସ୍ତକୁ ନେଇ ନବୀନଙ୍କ କଡ଼ା ମନ୍ତବ୍ୟ

ସମୟ ଆସିଲେ ଉଚିତ ଜବାବ ଦେବି

ଭୁବନେଶ୍ୱର, ୨୩।୧୧ : ନ୍ୟୁଜ୍ ବ୍ୟୁରୋ

ନିଜର ଓ ପୂର୍ବତନ ଆଇଏଏସ୍ ଅଧିକାରୀ ଭି.କେ. ପାଣ୍ଡିଆନଙ୍କ ବିଦେଶ ଗସ୍ତକୁ ନେଇ ତଦନ୍ତ ଆରମ୍ଭ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତାଙ୍କ ବିଦେଶ ଗସ୍ତ ସମ୍ପର୍କରେ ହୋଇଥିବା ଅଭିଯୋଗକୁ ସେ ମିଥ୍ୟା ବୋଲି କହିଛନ୍ତି। ଏହାର ଠିକ୍ ସମୟରେ ଉଚିତ ଜବାବ ଦେବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ନବୀନ କହିଛନ୍ତି, ସେ ବହୁତ କମ୍ ଥର ବିଦେଶ ଯାଇଛନ୍ତି। ଓଡ଼ିଶାର କାମ ଏବଂ ରାଜ୍ୟର ସ୍ୱାର୍ଥ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ହିଁ ସେ ବିଦେଶ ଗସ୍ତ କରିଥିଲେ।

ସୋମବାର ନବୀନ କହିଛନ୍ତି, "ମୁଁ ବହୁତ କମ୍ ଥର ବିଦେଶ ଯାଇଛି। ଓଡ଼ିଶାର କାମ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ହିଁ ବିଦେଶ ଗସ୍ତ କରିଥିଲି। ମୋର ଏବଂ ମୋ ଅଧିକାରୀମାନଙ୍କ ବିଦେଶ ଯାତ୍ରାକୁ ନେଇ ମିଥ୍ୟା ଅଭିଯୋଗ କରାଯାଇଛି। ଏହାର ଉଚିତ ଜବାବ ଦିଆଯିବ।"

ନବୀନ ପଟ୍ଟନାୟକ, ତାଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ଆଇଏଏସ୍ ଅଧିକାରୀ ଭି.କେ. ପାଣ୍ଡିଆନ ଏବଂ ଆଇପିଏସ୍ ଅଧିକାରୀ ରବିକାନ୍ତଙ୍କ ବିଦେଶ ଗସ୍ତକୁ ନେଇ ତଦନ୍ତ ନିର୍ଦ୍ଦେଶ ପରେ ରାଜ୍ୟ ରାଜନୀତି ଜୋର୍ ଧରିଛି। ଏହି ପ୍ରସଙ୍ଗରେ ଶାସକ ବିଜେପି ଓ *(ପୃଷ୍ଠା ୭ରେ)*

ଗରିବ ହିତାଧିକାରୀଙ୍କୁ ଭତ୍ତା ମିଳୁନଥିବା ନେଇ ଗୃହରେ ଉଦ୍‌ବେଗ

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଦେବାକୁ ସରକାର ପ୍ରତିବଦ୍ଧ

ଭୁବନେଶ୍ୱର, ୨୩।୧୧ : ନ୍ୟୁଜ୍ ବ୍ୟୁରୋ

ଗରିବ ଅସହାୟ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମମାନଙ୍କୁ ଠିକ୍ ସମୟରେ ଭତ୍ତା ମିଳୁନଥିବାରୁ ସେମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବା ସହ ଭତ୍ତା ନ ପାଇ ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କରୁଥିବା ନେଇ ସୋମବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ଦର୍ଶାଇ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସଙ୍ଗରେ ଆଲୋଚନା ବେଳେ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେବେ ବିରୋଧୀ ଦଳର ଅଭିଯୋଗକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଖଣ୍ଡନ କରିବା ସହ ଏହି ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ନୁହେଁ ବୋଲି କହିଥିଲେ। ମନ୍ତ୍ରୀ କହିଥିଲେ, ଅସହାୟ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କର ସାମାଜିକ *(ପୃଷ୍ଠା ୭ରେ)*

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୬୫୬ (+୧୪୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୦୦ (+୧୩୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯୪୯୧ (+୧୧୦)

ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୫ (+୦)

ଏକାଳ ପଖାଳ



ଆ କା ମା ବୈ
ପାନଗୁଆ ଥୋଇ
ସଂସ୍କୃତି ସଂସ୍କାର ମନେ ରଖିଥିବା
ବୋଇତକୁ ବାହି ବାହି
ଆଗାମୀ ପିଢି ଶୁଣ ମନଦେଇ
ବାଲିଯାତ୍ରା ଖାଲି ମଉଜ ନୁହେଁ
ଆମ ଗରିମା ଐତିହ୍ୟ ଭାଇ।



ସୌଜନ୍ୟ-ସୋସିଆଲ ମିଡିଆ

ଓଡ଼ିଶା ରଦ୍ଦକରଣ ବିଲ୍ ପାରିତ

ଭୁବନେଶ୍ୱର, ୨୩।୧୧
ନ୍ୟୁଜ୍ ବ୍ୟୁରୋ

ସୋମବାର ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଡ଼ିଶା ରଦ୍ଦକରଣ ବିଲ୍ ୨୦୨୬ ବିଷୟର ଆଲୋଚନା ଓ ପାରିତ ପାଇଁ ଉପସ୍ଥାପନ କରିଥିବା ବେଳେ ଏହା ଉପରେ ସରଗରମ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ବିଧାୟକ ସର୍ବଶ୍ରୀ ଦିବ୍ୟଶଙ୍କର ମିଶ୍ର, ସନ୍ତୋଷ ଖଟୁଆ, ସୁନିଲ ମହାନ୍ତି, ଇରାଶିଷ ଆଚାର୍ଯ୍ୟ, ଗଣେଶ୍ୱର ବେହେରା, ବିଭୂତି ଭୂଷର ପ୍ରଧାନ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଭାଗ ନେଇ ସମର୍ଥନ ଜଣାଇଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଲ' କମିଶନଙ୍କ ସୁପାରିଶ ଅନୁସାରେ ଅଦରକାରୀ ହୋଇପଡିଥିବା ୪୧୮ଟି ବିଭିନ୍ନ ଆଇନ୍‌କୁ ତର୍ଜମା କରାଯିବା ପରେ ସେଥି ମଧ୍ୟରୁ ୩୫୮ଟି ଆଇନ୍‌କୁ ରିପିଲ୍ ବା ରଦ୍ଦ କରାଯାଇଛି । ଏନେଇ ଆଗତ ବିଲ୍ ପାରିତ ପାଇଁ ଅଣାଯାଇଛି । ମନ୍ତ୍ରୀଙ୍କ ବକ୍ତବ୍ୟ ପରେ ବିଲ୍‌ଟି ବାଚନିକ ଭୋଟରେ ପାରିତ ହୋଇଥିଲା।



୧୩ ପୋଲିସ୍ ବାବୁଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା



ଭୁବନେଶ୍ୱର, ୨୩।୧୧ : ନ୍ୟୁଜ୍ ବ୍ୟୁରୋ

ବିଗତ ୩ ବର୍ଷ (୨୦୨୩-୨୫) ମଧ୍ୟରେ ରାଜ୍ୟ ଗୃହ ବିଭାଗ ଅଧୀନସ୍ଥ ପୋଲିସ୍ ବିଭାଗର ୧୩ ଜଣ ବରିଷ୍ଠ ଅଧିକାରୀଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା/ଶୋଷଣ ଅଭିଯୋଗ କରାଯାଇଛି । ସୋମବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଅନୁସାରେ ସଂପୃକ୍ତ ଅଭିଯୁକ୍ତ ପୋଲିସ୍ କର୍ମଚାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରାଯିବା ସହ ପ୍ରଚଳିତ ଆଇନ୍ ଅନୁଯାୟୀ ଆବଶ୍ୟକ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରରେ ଦର୍ଶାଯାଇଛି ଯେ, ମୟୂରଭଞ୍ଜ ଜିଲ୍ଲାର ବେତନଟୀ ପୋଲିସ୍ ଥାନାରେ ଏଏସ୍‌ଆଇ ଭଦ ମାଝୀ, ଜଗତସିଂହପୁର ଥାନାରେ ଇନ୍ସପେକ୍ଟର ତପନ କୁମାର *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର ୨୪ ନଭେମ୍ବର ମଙ୍ଗଳବାର ୨୦୨୬



ପୃଷ୍ଠା 9

ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ସମ୍ବର୍ଦ୍ଧନା ଉତ୍ସବ

ରମ୍ଭା, ନ୍ୟୁଜ୍ ବ୍ୟୁରୋ



ସମଗ୍ର ରାଜ୍ୟରେ ଥିବା ୩୦ ଗୋଟି ଜିଲ୍ଲାସ୍ଥ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମଧ୍ୟରୁ ଶିକ୍ଷା ଓ ପ୍ରଶିକ୍ଷଣ କ୍ଷେତ୍ରରେ ସ୍ୱତନ୍ତ୍ର ପାରଦର୍ଶିତା ହାସଲ କରିଥିବା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟ ଶ୍ରେଷ୍ଠ ପ୍ରତିଷ୍ଠାନ ବିବେଚିତ ହୋଇ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ଲାଭ କରିବା ଗୌରବର ବିଷୟ ହୋଇଛି । ଉକ୍ତ ପ୍ରତିଷ୍ଠାନ ଅଭିନବ ପ୍ରଶିକ୍ଷଣ, ଶୈକ୍ଷିକ ଗୁଣବତ୍ତା, ଉନ୍ନତ ଶିକ୍ଷା ପ୍ରଣାଳୀ, କଳା ସମନ୍ୱିତ ଶିକ୍ଷା ଆଦି ବହୁବିଧ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସି ଆର ସି ସି, ଗୁରୁ ଛାତ୍ରଛାତ୍ରୀଙ୍କୁ ନିରନ୍ତର ପ୍ରଶିକ୍ଷଣ ପ୍ରଦାନ କରିଆସୁଛି । ପ୍ରତିଷ୍ଠାନ ଏପ୍ରକାର ସଫଳତା ଲାଭ କରିଥିବାରୁ ସମ୍ମାନୀୟ ଅଧ୍ୟକ୍ଷ ତଥା ଡ. ସନ୍ତୋଷ କୁମାର ପରିଡ଼ାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଅଛି । ସର୍ବ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଶିକ୍ଷକ ପ୍ରଶିକ୍ଷକ ମୁକ୍ତିକାନ୍ତ ବେହେରା ଦୀପ ମନ୍ତ୍ର ଉଚ୍ଚାରଣ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ମଞ୍ଚ ସୁପରିଚାଳନା କରିଥିଲେ । ଆୟୋଜିତ ଉତ୍ସବରେ ଶୁକୁଲେଇ ଟୁଡୁ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ନିବେଦିତା ପାଢ଼ୀ, ପ୍ରଜ୍ଞା ପାରମିତା, ଶିକ୍ଷକ ପ୍ରଶିକ୍ଷିକା ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼, ଭାବିଲିତା ନାୟକ, ସୁଶ୍ରୀ ଗାୟତ୍ରୀ ସ୍ୱାଇଁ, ସୁଶ୍ରୀ ବବିତା ସିଂ ନାୟକ, ଆଇସିଟି ସହାୟକ ମନୋରଞ୍ଜନ ବାରିକ, କନିଷ୍ଠ ସହାୟକ ଆଶିଷ କୁମାର ସେଠୀ, କନିଷ୍ଠ ସହାୟିକା ମିସ୍ ନିରୂପମା ପ୍ରଧାନ, ସୁକାନ୍ତୀ ସେଠୀ, ଜୟ ଶଙ୍କର ଗୌଡ଼, ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।

ଏଫଏମ୍‌ୟୁରେ ସଚେତନତା ଓ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ

ବାଲେଶ୍ୱର, ନ୍ୟୁଜ୍

ଷଷ୍ଠ ଅଡିଟ୍ ସପ୍ତାହ ପାଳନ ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ଓ କ୍ୟାରିୟର ପରାମର୍ଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ କାର୍ଯ୍ୟ, ଗଣତନ୍ତ୍ରରେ ତାଙ୍କ ଭୂମିକା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀଙ୍କୁ ସଚେତନ କରିବା ସହ ଭାରତୀୟ ଅଡିଟ୍ ଓ ଆକାଉଣ୍ଟସ୍ ବିଭାଗରେ ଥିବା ଚାକିରି ଓ କ୍ୟାରିୟର ସୁଯୋଗ ବିଷୟରେ ଜଣାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ମହାଲେଖା ପରୀକ୍ଷକ ଡି. ସାହୁ ଆଭାସୀ ମାଧ୍ୟମରେ ଯୋଗଦେଇ ସିଏଜିଙ୍କ କାର୍ଯ୍ୟପ୍ରଣାଳୀ, କ୍ଷମତା, ଆବଶ୍ୟକତା ଓ ବିଭିନ୍ନ କ୍ଷେତ୍ରରେ ହେଉଥିବା ଅଡିଟ୍ ସମ୍ପର୍କରେ ବୁଝାଇଥିଲେ। ସରକାରୀ ଓ ବିଭିନ୍ନ ସଂସ୍ଥାର କାର୍ଯ୍ୟରେ ସ୍ୱଚ୍ଛତା, ଶୃଙ୍ଖଳା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ସିଏଜିଙ୍କ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗ ସହ ସହଯୋଗରେ କରାଯାଉଥିବା କାର୍ଯ୍ୟ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ଇଣ୍ଟର୍ନସିପ୍ ସୁଯୋଗ ବିଷୟରେ ମଧ୍ୟ ସେ ସୂଚନା ଦେଇଥିଲେ। ଏଥିସହ ଉପମହାଲେଖା ପରୀକ୍ଷକ ପ୍ରଥମା ପ୍ରତୀକ୍ଷା ପ୍ରଧାନ ଯୋଗଦେଇ, ସିଏଜିଙ୍କ ଭାରତୀୟ ଗଣତନ୍ତ୍ରରେ ଭୂମିକା, କାର୍ଯ୍ୟଧାରା, କ୍ଷମତା ଓ ଗୁରୁତ୍ୱ ସମ୍ପର୍କରେ ଏକ ଉପସ୍ଥାପନା ଦେଇଥିଲେ। ଅଡିଟ୍ କିପରି ବିଭିନ୍ନ ସଂସ୍ଥାର କାର୍ଯ୍ୟକୁ ଅଧିକ ସୁଦୃଢ଼ କରେ, ଉତ୍ତରଦାୟିତ୍ୱ ବଢ଼ାଏ ଏବଂ ସରକାରୀ ବିଭାଗଗୁଡ଼ିକ ସହ ସମନ୍ୱୟ ମାଧ୍ୟମରେ ଲୋକଙ୍କ ଅଂଶଗ୍ରହଣଭିତ୍ତିକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରେ, ସେ ବିଷୟରେ ବୁଝାଇଥିଲେ। ଏଥିସହ ଆଇଏ ଆଣ୍ଡ ଏଡି ରେ ଉପଲବ୍ଧ ବିଭିନ୍ନ ଚାକିରି ସୁଯୋଗ ଓ ଇଣ୍ଟର୍ନସିପ୍ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ପ୍ରଶ୍ନୋତ୍ତର ଅଧିବେଶନରେ ଛାତ୍ରଛାତ୍ରୀମାନେ ବକ୍ତାଙ୍କ ସହ ସିଧାସଳଖ ଆଲୋଚନା କରି ଅଡିଟ୍, ସରକାରୀ ଉତ୍ତରଦାୟିତ୍ୱ ଏବଂ ଅଡିଟ୍ ଓ ଆକାଉଣ୍ଟସ୍ ସେବାରେ କ୍ୟାରିୟର ସୁଯୋଗ ସମ୍ପର୍କରେ ନିଜର ସନ୍ଦେହ ଦୂର କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଅଡିଟ୍ ବ୍ୟବସ୍ଥାର କାର୍ଯ୍ୟଧାରା, ସ୍ୱଚ୍ଛ ଶାସନ ବ୍ୟବସ୍ଥାରେ ଏହାର ଅବଦାନ ଏବଂ ଭାରତୀୟ ଅଡିଟ୍ ଓ ଆକାଉଣ୍ଟସ୍ ବିଭାଗରେ ରହିଥିବା ନୂତନ କ୍ୟାରିୟର ସୁଯୋଗ ସମ୍ପର୍କରେ ଜ୍ଞାନ ଓ ଅଭିଜ୍ଞତା ଆହରଣ କରିବାର ଏକ ସୁଯୋଗ ପ୍ରଦାନ କରିଥିଲା।

କାର୍ତ୍ତିକେଶ୍ୱର ଭସାଣି ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

କମିସନରେଟ ପୁଲିସ୍‌ର ଚୌଦ୍ୱାର ଥାନା ପକ୍ଷରୁ ପ୍ରସିଦ୍ଧ ନଖରା ପ୍ରଥମାଷ୍ଟମୀ ମେଲଣ ଓ କାର୍ତ୍ତିକେଶ୍ୱର ଭସାଣି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇ ଯାଇଛି । ଥାନା ଆଇଆଇସି ଡ. ବିକାଶ ସେଠୀଙ୍କ ସଭାପତିତ୍ୱରେ ନଖରା ହାଟ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଯୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇ ଡିସେମ୍ବର ୨ ଓ ୩ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଯାତ୍ରାରେ ମେଢ଼ ଶୋଭାଯାତ୍ରା ଓ ଭସାଣି ଶୋଭାଯାତ୍ରା ପାଇଁ ରାତି ୧୦ଟା ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ ହୋଇଥିବା ସୂଚନା ଦେଇ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ଉପସ୍ଥିତ ମେଢ଼ ମାଲିକ ଓ ପ୍ରତିନିଧି ମାନଙ୍କୁ ପରାମର୍ଶ ଦେଇଥିଲେ । ଶାଳଗାଁ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଟାଟା ପାୱାର ମୁଖ୍ୟ ଅଧିକାରୀ ବିଶ୍ୱ ରଞ୍ଜନ ଦେହୁରୀ ପ୍ରମୁଖ ଯାତ୍ରାରେ ସମ୍ପୂର୍ଣ୍ଣ ସହଯୋଗ କରିବାପାଇଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ଯାତ୍ରା କମିଟିର ବରିଷ୍ଠ ସଦସ୍ୟ ଭୀମସେନ ତ୍ରିପାଠୀ, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱନାଥ ଶତପଥୀ, ନାରାୟଣ ପଣ୍ଡା, ମନୋଜ ମହାରଣା, ହେମନ୍ତ ରାଉତ ପ୍ରମୁଖ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ଏହି ଯାତ୍ରାରେ ଅଞ୍ଚଳର ବିଭିନ୍ନ ସାହିବସ୍ତିରେ ନିର୍ମିତ ମୋଟ ୨୨ଖଣ୍ଡ କାର୍ତ୍ତିକେଶ୍ୱର ଓ ଅନ୍ୟାନ୍ୟ ଦେବାଦେବୀଙ୍କ ମେଢ଼ ଅଂଶ ଗ୍ରହଣ କରିବା ସହିତ ମେଲଣ କରିବେ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ରମାକାନ୍ତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

ଜୟନ୍ତୀ ପାଳନ ଅବସରରେ ଅତିଥିଙ୍କ ମତ

ଶହୀଦ ଲକ୍ଷ୍ମଣ ନାୟକଙ୍କ ଦେଶପ୍ରେମ ସ୍ମରଣୀୟ ହୋଇ ରହିବ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଅମର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ନବରଙ୍ଗପୁରସ୍ଥିତ ଲକ୍ଷ୍ମଣ ନାୟକ ବିଦ୍ୟାପୀଠ ପରିସରରେ ଶ୍ରଦ୍ଧା, ସମ୍ମାନ ଓ ମର୍ଯ୍ୟାଦାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ, ନବରଙ୍ଗପୁର ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନବରଙ୍ଗପୁର ପୌରପାଳିକାର ଅଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ, ପୌରପାଳିକାର ନିର୍ବାହୀ ଅଧିକାରୀ ଡଃ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ସମାଜସେବୀ ଦେବଦାସ ମହାଙ୍କୁଡ଼, କିଶୋରୀ ପଟ୍ଟନାୟକ ଏବଂ ବିଦ୍ୟାଳୟର ସଭାପତି ଜଗନ୍ନାଥ ଜାନୀ ପ୍ରମୁଖ ଯୋଗଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଗଣମାଧ୍ୟମ ପ୍ରତିନିଧି ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶହୀଦ ଲକ୍ଷ୍ମଣ ନାୟକଙ୍କ ଅମର ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅସୀମ ତ୍ୟାଗ, ସାହସ, ସଂଘର୍ଷ ଓ ଦେଶପ୍ରେମକୁ ସ୍ମରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଜୟନ୍ତୀ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଜାତୀୟତାବୋଧ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ସଚେତନତା ସୃଷ ି କରିବାରେ ସହାୟକ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସଂଯୋଜନା କରିଥିଲେ।

ବେଲୁର ମଠ ରାମକୃଷ୍ଣ ମିଶନ ପକ୍ଷରୁ ବନ୍ୟାବିପନ୍ନଙ୍କୁ ରିଲିଫ ପ୍ରଦାନ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ଅର୍ଣ୍ଣବ ସାମୁଦ୍ରିକ ଝଡ଼ ପ୍ରଭାବରେ ବନ୍ୟା ଜଳ ଜନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଯାହାକୁନେଇ ବେଲୁର ମଠ ପ୍ରଦତ ରାମକୃଷ୍ଣ ମିଶନ ଭୁବନେଶ୍ୱର ଦ୍ୱାରା ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସନ୍ତୋଷ ପୁରର ସହଯୋଗରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବନ୍ୟା ବିପନ୍ନ ମାନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଗଞ୍ଜାମ ବ୍ଲକର ବରପଲ୍ଲୀ, ଖଟିଆ ରାମଚନ୍ଦ୍ରପୁର ଓ ହରିଜନ ସାହି, ଖଲ୍ଲିକୋଟ ବ୍ଲକର ତଳ ରାମ ପଲ୍ଲୀ, କେ.ଏନ୍. ପୁର, ପୁରୁଷୋତ୍ତମପୁର ବ୍ଲକ ବାଲିଆ ଓ ଆସିକାର ନବରତ୍ନ ପୁର ଗ୍ରାମରେ ସର୍ବମୋଟ ୧୦୦୦ ବନ୍ୟା ବିପନ୍ନଙ୍କୁ କମଳ, ଲୁଙ୍ଗି, ଗାମୁଛା, ଶାଢ଼ୀ, ଟବାଲ, ବିସ୍କେଟ, ଇତ୍ୟାଦି ରିଲିଫ ପ୍ୟାକେଟ ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ରାମକୃଷ୍ଣ ମିଶନର ସନ୍ୟାସୀ ଶ୍ରୀମଦ ସ୍ୱାମୀ ଅଦ୍ୟୟା ନନ୍ଦଜୀ ମହାରାଜଙ୍କ ତତ୍ତ୍ୱାବଧାନ ରେ ରିଲିଫ ପ୍ରଦାନ କରାଯାଇଛି। ଏଥିରେ ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ତ୍ରିପାଠୀ ସ୍ଥାନୀୟ ଅଞ୍ଚଳର ବନ୍ୟା ପରିସ୍ଥିତିକୁ ମଠା ଧୀଶଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ଦୀର୍ଘ ୧୯ ଦିନ ଅକ୍ଲାନ୍ତ ପରିଶ୍ରମ କରି ମାଧବ ଭାଇ, ଆଉ ପରମେଶ୍ୱର ଧଳ, କପିଲି ଆଚାରୀ, ଦେବାଶିଷ ଦାଶ, ଶିବରାମ ନନ୍ଦ, ସୁଶାନ୍ତ କୁମାର ନାୟକ, ଜ୍ୟୋତି ରଞ୍ଜନ ଦଲସିଂହାରୀ, ମିହିର ରଞ୍ଜନ ତ୍ରିପାଠୀ, ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

ଶିଶୁମାନଙ୍କ ଶତପ୍ରତିଶତ ଟୀକାକରଣ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଟିଚୁ ସଭାଗୃହଠାରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ନିୟମିତ ଟିକାକରଣ ପଲ୍ସ ପୋଲିଓ ଇମ୍ୟୁନାଇଜେସନ୍ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ, ପିସି ଆଣ୍ଡ ପିଏନଡିଟି ଜିଲ୍ଲାପରାମର୍ଶଦାତା କମିଟି ବୈଠକ ଏବଂ ସ୍ୱାସ୍ଥ୍ୟ ଓ ମହିଳା ଶିଶୁ ବିକାଶ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଜିଲ୍ଲାରେ ଶିଶୁମାନଙ୍କର ଶତପ୍ରତିଶତ ଟିକାକରଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ନଭେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପ୍ରଚାର ରଥ ପରିକ୍ରମା କରି ଜନସାଧାରଣଙ୍କୁ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରିବ। ଏହି ଅଭିଯାନରେ ଏକ ମାସରୁ ୫୯ ମାସ ବୟସର ଶିଶୁମାନଙ୍କୁ ଟିକା ପ୍ରଦାନ କରାଯିବ। ଟିକା ନେଇଥିବା ଶିଶୁଙ୍କ ଆଙ୍ଗୁଠିରେ ଚିହ୍ନ ଦିଆଯିବା ସହ କୌଣସି ଶିଶୁ ଯେପରି ଟିକାକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ବିଭାଗର ସହଯୋଗରେ ଏକ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଗଠନ କରି ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସେ କହିଥିଲେ। ଜିଲ୍ଲାରେ ମୋଟ ୬ଟି ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର କାର୍ଯ୍ୟ କରୁଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ପ୍ରତ୍ୟେକ କେନ୍ଦ୍ରରେ ତାଲିମପ୍ରାପ୍ତ ଡାକ୍ତର ନିଯୁକ୍ତ ରହିବା, ସମସ୍ତ ଔଷଧ ଦୋକାନରେ ସିସିଟିଭି କ୍ୟାମେରା ସ୍ଥାପନ କରିବା ଏବଂ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଅନୁଯାୟୀ ହିଁ ଔଷଧ ବିକ୍ରୟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏଥିସହ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟରେ ଟିବି ମୁକ୍ତ ଭାରତ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରିବା, ଯକ୍ଷ୍ମା ରୋଗୀଙ୍କ ଚିହ୍ନଟ, ନିୟମିତ ଚିକିତ୍ସା ଓ ଜନସଚେତନତା ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ସିଡିଏମଓ ଡା. ମହେନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର, ଜିଲ୍ଲାର ସମସ୍ତ ସିଏଚ୍‌ସି ଓ ପିଏଚ୍‌ସିର ଚିକିତ୍ସା ଅଧିକାରୀ ତଥା ମୁଖ୍ୟ, ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟାଳୟର ଅଧିକାରୀ ଏବଂ ସ୍ୱାସ୍ଥ୍ୟ ଓ ଆଇସିଡିଏସ୍ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

୬୦କେଜି ଗଞ୍ଜେଇ ସହ କାର, ଟଙ୍କା, ମୋବାଇଲ ଜବତ: ୫ ଗିରଫ

ସୁବର୍ଣ୍ଣପୁର ଜିଲ୍ଲା ପୋଲିସର ନିଶା ମୁକ୍ତ ଅଭିଯାନ



ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ନିଶା ମୁକ୍ତ ଅଭିଯାନ ଅଧୀନରେ ସୁବର୍ଣ୍ଣପୁର ଜିଲ୍ଲାର ପୋଲିସ ଜିଲ୍ଲାର ସୋନପୁର, ତରଭା ଏବଂ ବୀରମହାରାଜପୁର ଥାନା ଅଞ୍ଚଳରେ ଚଢ଼ାଉ କରି ସର୍ବମୋଟ ୬୦ କେଜି ୨୪୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ତିନୋଟି ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁ କରାଯାଇ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨ଟି କାର ଏବଂ ଗୋଟିଏ ସ୍କୁଟି ଜବତ କରିଛି । ସୋନପୁର ଥାନାରେ ୨୮ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋନପୁର ପୋଲିସ ବୁଢ଼ାରଜା ଛକ ନିକଟରେ ଏକ ଧଳା ରଙ୍ଗର ହୋଣ୍ଡା କାର ନଂ-ଡବ୍ଲ୍ୟୁବି-୧୮ଏନ-୮୬୬୦ କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡ଼ିରୁ ୨୮ କେଜି ୬୦୦ ଗ୍ରାମ ଗଞ୍ଜେଇ (ଆନୁମାନିକ ମୂଲ୍ୟ ୨,୮୦,୬୦୦ ଟଙ୍କା), ନଗଦ ୧୫,୫୦୦ ଟଙ୍କା ଏବଂ ଦୁଇଟି ମୋଟୋରୋଲା ମୋବାଇଲ୍ ଫୋନ୍ ଜବତ କରିଥିଲେ । ଏହି ଘଟଣାରେ ପଶ୍ଚିମବଙ୍ଗ ନଦିଆ ଜିଲ୍ଲା କୃଷ୍ଣଗଞ୍ଜ ଥାନା ମଝିଦିଆ ରୋଡ୍ ଅଞ୍ଚଳର ସଞ୍ଜୟ ବିଶ୍ୱାସ (୨୯) ଏବଂ ଦେବାଶିଷ ହାଲଦାର (୪୦)ଙ୍କୁ ପ

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର, ୨୪ ନଭେମ୍ବର ୨୦୨୬ ମଙ୍ଗଳବାର



ଐତିହାସିକ ବାଲିଯାତ୍ରାରେ ତ୍ରିସ୍ତରୀୟ ସୁରକ୍ଷା:ଜଗିବେ ୭୦ ପ୍ଲାଟୁନ୍ ଫୋର୍ସ



କଟକ, ନ୍ୟୁଜ୍ ବ୍ୟୁରୋ

ଆରମ୍ଭ ହୋଇଯାଇଛି କଟକର ଐତିହାସିକ ବାଲିଯାତ୍ରା। ଏଥର ମେଳାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ଆଶା ରହିଥିବାରୁ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ତତ୍ପର ହୋଇଉଠିଛି କମିଶନରେଟ୍ ପୋଲିସ। ଦର୍ଶକଙ୍କ ସୁରକ୍ଷା ସହ ମେଳାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବାଲିଯାତ୍ରା ପଡ଼ିଆର ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ୪୦୦ ଅଫିସର ନିୟୋଜିତ ହୋଇଛନ୍ତି । ମେଳା ପରିସରର ପ୍ରତ୍ୟେକ ଗତିବିଧି ଉପରେ ନଜର ରଖିବାକୁ ୩୮ଟି ୱାଚ୍ ଟାୱାର ନିର୍ମାଣ କରାଯାଇଛି। ଏଥିସହ ୧୨୦୦ଟି ସିସିଟିଭି କ୍ୟାମେରା ଓ ୧୦୦ଟି ଏଆଇ କ୍ୟାମେରା ଜରିଆରେ ସମଗ୍ର ମେଳା ପଡ଼ିଆ ଉପରେ କଡ଼ା ନଜର ରଖାଯାଇଛି। ଏହି ଅତ୍ୟାଧୁନିକ ନିରୀକ୍ଷଣ ବ୍ୟବସ୍ଥା ଦ୍ୱାରା ଭିଡ଼ ନିୟନ୍ତ୍ରଣ ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। ସେହିପରି ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ମଧ୍ୟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଯୋଜନା କରାଯାଇଛି। ରାଷ୍ଟ୍ରପତି ଯେଉଁ ରାସ୍ତା ଦେଇ ଯାତାୟାତ କରିବେ, ସେହି ରୁଟ୍‌ରେ ସାଧା ପୋଷାକଧାରୀ ପୋଲିସ କର୍ମଚାରୀ ମୁତୟନ ରହିବେ। ଏଥିସହ ସମ୍ପୃକ୍ତ ରାସ୍ତାରେ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ଉପରେ ପୋଲିସ ଗୁରୁତ୍ୱ ଦେଇଛି। ବାଲିଯାତ୍ରା ସମୟରେ ଲକ୍ଷାଧିକ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମେଳା ପରିସରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଅପ୍ରୀତିକର ପରିସ୍ଥିତିକୁ ରୋକିବା ଓ ଦର୍ଶକଙ୍କ ଯାତାୟାତକୁ ସୁଗମ କରିବା ଉପରେ ପୋଲିସ ପ୍ରଶାସନର ଫୋକସ୍ ରହିଛି। ଏଥିପାଇଁ ପଡ଼ିଆ ଠାରୁ ଆରମ୍ଭ କରି ରାଷ୍ଟ୍ରପତିଙ୍କ ଗସ୍ତ ରୁଟ୍ ପର୍ଯ୍ୟନ୍ତ ସବୁଠି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ କୋଟି ୮୧ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ:ମୁଖ୍ୟ କିରାଣି ଗିରଫ

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ୩ କୋଟି ୮୧ ଲକ୍ଷ ଟଙ୍କାର ବିରାଟ ଆର୍ଥିକ ଅନିୟମିତତା ମାମଲାରେ ପୋଲିସ୍ ମୁଖ୍ୟ ଅଭିଯୁକ୍ତ ଦୀପକ କୁମାର ସାହୁ (୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରବିବାର ଅପରାହ୍ନ ୨ଟା ୩୦ରେ ତାଙ୍କୁ ଗିରଫ କରାଯାଇଥିବା ଖପ୍ରାଖୋଲ ଥାନା ପକ୍ଷରୁ ପ୍ରେସ୍ ମିଟ୍‌ରେ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଅଭିଯୁକ୍ତ ଦୀପକ କୁମାର ସାହୁ ପାଟଣାଗଡ଼ ବଲଦେବ ବିହାର ପାର୍କ ନିକଟ ୱାର୍ଡ ନଂ ୭ର ଗୋପାଳ ସାହୁଙ୍କ ପୁଅ। ସେ ଖପ୍ରାଖୋଲ ସିଏଚ୍‌ସିରେ ଏଷ୍ଟାବ୍ଲିସ୍‌ମେଣ୍ଟ ଓ ବିଲ୍ ପ୍ରସ୍ତୁତ ଦାୟିତ୍ୱରେ ଥିଲେ। ପୋଲିସ୍ ସୂଚନା



ଅନୁଯାୟୀ, ଗତ ୧୭.୧୦.୨୦୨୬ ତାରିଖରେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତଥା ଆଗଲପୁର ଥାନା ମୁରସୁଣ୍ଡ ଗ୍ରାମର ଡା. ମଞ୍ଜୁଲକାନ୍ତ ପ୍ରଧାନ (୪୦)ଙ୍କ ଅଭିଯୋଗକ୍ରମେ ଖପ୍ରାଖୋଲ ଥାନାରେ କେସ୍ ନଂ ୨୧୮ ରୁଜୁ ହୋଇଥିଲା। ବିଏନ୍‌ଏସ୍ ଧାରା ୩୧୮(୪)/୩୩୭/୩୩୬(୩)/୩୪୦(୧)/୩୪୦(୨)/୩୧୬(୫)ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ଏଚ୍‌ଆର୍‌ଏମ୍‌ଏସ୍ ଓ ଆଇଏଫ୍‌ଏମ୍‌ଏସ୍ ତଥ୍ୟ ଯାଞ୍ଚ କରାଯାଇଥିଲା। ସିଏଚ୍‌ସି ଖପ୍ରାଖୋଲର ଡିଡିଓ କୋଡ୍ ବିଏଲ୍‌ଜିଏଚ୍‌ଏଫ୍‌ଡବ୍ଲୁ ୦୧୮ରେ ୧ଜୁନ୍ ୨୦୧୮ରୁ ୨୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ୫୮୪ ଥରରେ ଦରମା, ବକେୟା ଦରମା ଓ ଅନ୍ୟ ଏଷ୍ଟାବ୍ଲିସ୍‌ମେଣ୍ଟ ବାବଦର ମୋଟ୍ ୩ କୋଟି ୮୧ ଲକ୍ଷ ଟଙ୍କା କର୍ମଚାରୀଙ୍କ ସରକାରୀ ବ୍ୟାଙ୍କ ଖାତା ବଦଳରେ ଅନ୍ୟ ବ୍ୟାଙ୍କ ଖାତାକୁ ପଠାଯାଇଥିବା ଜଣାପଡ଼ିଥିଲା। ପ୍ରାରମ୍ଭିକ ତଦନ୍ତରୁ ଅଭିଯୁକ୍ତ ନିଜ ବାପା ଗୋପାଳ ସାହୁଙ୍କ ଜମା ଖାତାରେ ୮ ଲକ୍ଷ ଟଙ୍କା, ନିଜ ସ୍ତ୍ରୀ ରାଜେଶ୍ୱରୀ ସାହୁଙ୍କ ଜମା ଖାତାରେ ୮୫ ଲକ୍ଷ ଟଙ୍କା, ଶ୍ୱଶୁର ଜଗଦୀଶ ସାହୁଙ୍କ ଜମା ଖାତାରେ ୨୮ ଲକ୍ଷ ଟଙ୍କା, ନିଜର ନିକଟତର ଉଦୟ ନାଥ କୁଅଁରଙ୍କ ଜମା ଖାତାରେ ୩୬ ଲକ୍ଷ ଟଙ୍କା ତଥା ସେମାନଙ୍କ ଏଟିଏମ୍ କାର୍ଡ, ବ୍ୟାଙ୍କ ଚେକ୍ ବୁକ୍ ଆଦି ବ୍ୟବହାର କରି ସେହି ଟଙ୍କା ନିଜ ବ୍ୟକ୍ତିଗତ ଖର୍ଚ୍ଚରେ ଲଗାଇଥିବା ଅଭିଯୋଗ ହୋଇଛି। ତଦନ୍ତ ବେଳେ ତାଙ୍କ ପାଖରୁ ୧୨ଟି ବିଭିନ୍ନ ବ୍ୟାଙ୍କ ପାସ୍‌ବୁକ୍, ୧୦ଟି ଏଟିଏମ୍ କାର୍ଡ, ୮ଟି ଚେକ୍ ବୁକ୍, ଗୋଟିଏ ପାସ୍‌ପୋର୍ଟ, ୫ଟି ମୋବାଇଲ୍ ଫୋନ୍ ଓ ଗୋଟିଏ ଇଲେକ୍ଟ୍ରିକ୍ ସ୍କୁଟି ଜବତ କରାଯାଇଛି। ଚଢ଼ଉ ସମୟରେ ଖପ୍ରାଖୋଲ ଥାନା ଆଇଆଇସି ଇନ୍‌ସପେକ୍ଟର ଏନ୍. ଛତ୍ର, ଏସ୍‌ଆଇ ଲିଙ୍ଗରାଜ କିଷାନ୍, ଏଏସ୍‌ଆଇ ରବିନ୍ଦ୍ର କୁମ୍ଭାର, କନଷ୍ଟେବଲ୍ ରଞ୍ଜିତ କୁମାର ପୂଜାରୀ, ସଞ୍ଜୁ ପ୍ରଧାନ ଓ ବାବୁଲାଲ ମଲ୍ଲିକ ଉପସ୍ଥିତ ଥିଲେ।

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ୨୦୨୬-୨୮ ବର୍ଷ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି ବୈଠକ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ରାଜ୍ୟ ସମନ୍ୱୟ ସମିତି ବୈଠକ (୨୦୨୬-୨୮) ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡ.ଏନ୍. ଥିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଏକ ଦିବସୀୟ ବୈଠକରେ ପ୍ରାରମ୍ଭରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରା ଏହି ବୈଠକର ଆଭିମୁଖ୍ୟ ଅବଗତ କରାଇବା ସହ ଏନ୍.ସି.ଇ.ଆର୍.ଟିର ଶିକ୍ଷା ସମ୍ବନ୍ଧୀୟ ଲକ୍ଷ୍ୟ ବିଷୟରେ ସୂଚାଇଥିଲେ ଓ ପ୍ରଶିକ୍ଷଣ, ପ୍ରସାର, ଗବେଷଣା ଆଦି ପ୍ରମୁଖ ଲକ୍ଷ୍ୟ ପୂରଣ ଦିଗରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ସେ କହିଥିଲେ । କମିଶନର ତଥା ଶାସନ ସଚିବ ଡ.ଏନ୍. ଥିରୁମାଲା ନାୟକ ଏନ୍‌ସିଇଆର୍‌ଟିର ଅବଦାନକୁ ପ୍ରଶଂସା କରି, ନିପୁଣ ଓଡ଼ିଶା, ବହୁଭାଷୀ ଶିକ୍ଷା ତଥା ଉଚ୍ଚ ମାଧ୍ୟମିକ ସ୍ତରରେ ମୁଖ୍ୟ ସମ୍ବଳ ବ୍ୟକ୍ତି ମାନଙ୍କ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ବାଟିକା କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ ସାମଗ୍ରୀ ବିକାଶ ଏବଂ କ୍ଷମତା ନିର୍ମାଣ କ୍ଷେତ୍ରରେ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସହଯୋଗ ଉପରେ ସେ ଗୁରୁତ୍ୱ ଦେଇଥିଲେ ଓ ପ୍ରତିଷ୍ଠାନର ଶିକ୍ଷା ବିସ୍ତାର ବିଭାଗର ମୁଖ୍ୟ ପ୍ରଫେସର ରୀତାଞ୍ଜଳି ଦାଶ ଗତ ଦୁଇବର୍ଷର କାର୍ଯ୍ୟ ବିଷୟର ଉପସ୍ଥାପନ କରି ଆସନ୍ତା ବର୍ଷ ଓଡ଼ିଶାର ଶିକ୍ଷା ପାଇଁ ପ୍ରତିଷ୍ଠାନ ପକ୍ଷରୁ ନିଆଯାଇଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ବୈଠକରେ ଓଡ଼ିଶା ଟି.ଇ. ଆଣ୍ଡ୍ ଏସ୍.ସି.ଇ.ଆର୍.ଟି ନିର୍ଦ୍ଦେଶିକା ମଧୁମିତା ସାହୁ, ଏଲିମେଣ୍ଟାରୀ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶିକା ମନୋରମା ଦାସ, ବିଦ୍ୟାଳୟ ଗଣଶିକ୍ଷା ଅତିରିକ୍ତ ନିର୍ଦ୍ଦେଶିକା ବନ୍ଦନା ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ଉପସଭାପତି ଅଙ୍କୁର ବାରିକ, ଏଆଇଏଲ୍‌ଟିଟିର ନିର୍ଦ୍ଦେଶିକା ସୁମିତା ଦାସ, ଧନ୍ୟାମୂଳକ ଶିକ୍ଷା ଉପନିର୍ଦ୍ଦେଶକ ତନ୍ମୟ କୁମାର ବେହେରା, ଓଡ଼ିଶା ଶିକ୍ଷା ପରିଯୋଜନ ପ୍ରକଳ୍ପ ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ସାମର୍ଥ, ମାଧ୍ୟମିକ ଶିକ୍ଷା ପରିଷଦ ଉପପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶିକା ମୌସୁମୀ ସାହୁ ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ । ପରିଶେଷରେ କାର୍ଯ୍ୟକ୍ରମ ସଂଯୋଜିକା ପ୍ରଫେସର ରଶ୍ମି ରେଖା ସେଠୀ ଧନ୍ୟବାଦ ଦେଇଥିଲେ । ଏହି ବୈଠକରେ ଡ. ବେଦପ୍ରକାଶ ବର୍ମା, ଡ. ଦେବାଶିଷ ମହାପାତ୍ର ଉପସ୍ଥିତ ଥିଲେ ।



ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରତିଯୋଗିତା:ଅଂଶୁଜା ଚାମ୍ପିଅନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତଥା ଜିଲ୍ଲା କ୍ରୀଡା ବିଭାଗର ମିଳିତ ଆନୁକୂଲ୍ୟରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ - ୨୦୨୬ ପରିପ୍ରେକ୍ଷାରେ ସ୍ଥାନୀୟ ଇଚ୍ଛାପୁର ସ୍ଥିତ ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକ୍ ତରଫରୁ ଶ୍ରେଷ୍ଠ ବିବେଚିତ ଯୁବ ନେତୃତ୍ୱଙ୍କ ମଧ୍ୟରେ ପାୱାର୍ ପଏଣ୍ଟ ମାଧ୍ୟମରେ 'ପ୍ରାକୃତିକ ସମ୍ପଦ ଆଧାରିତ ଶିଳ୍ପାୟନ ଏବଂ ସମ୍ବଳ ନେତୃତ୍ୱ ଅଭିବୃଦ୍ଧି' ଶୀର୍ଷକ ପ୍ରତିଯୋଗିତାରେ ପ୍ରଥମ ଶୀର୍ଷଦଳରୁ ଓୟୁଏଟି ଛାତ୍ରୀ ଅଂଶୁଜା ପାଣି ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହେବାସହ ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ଭିସୁଟ୍ ଛାତ୍ର ଶୁଭଜିତ ସାହୁ ଦ୍ୱିତୀୟ ଓ ସୋଆ ବିଶ୍ୱବିଦ୍ୟାଳୟ ଛାତ୍ର ଦେବୀଦତ୍ତ କୁମାରେଶ୍ୱର ତ୍ରିପାଠୀ ତୃତୀୟ ସ୍ଥାନରେ ରହି ରାଜ୍ୟସ୍ତରକୁ ଉନ୍ନୀତ ହୋଇଛନ୍ତି। ବିଜେତାମାନଙ୍କୁ ନଗଦ ଅର୍ଥରାଶି ସହ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ସେହିପରି ଦ୍ୱିତୀୟ ଶୀର୍ଷ ଦଳରୁ ଲିପ୍ସାରାଜ ନନ୍ଦିନୀ ପାତ୍ର, ଅର୍ପିତା କର ଓ ଓମ୍‌ପ୍ରକାଶ ରଥ ମଧ୍ୟ ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି। ବିକଶିତ ଭାରତ - ୨୦୨୬ ପରିପ୍ରେକ୍ଷାରେ ପରିବେଶକୁ ସନ୍ତୁଳିତ ରଖି ପ୍ରାକୃତିକ ସମ୍ପଦ ଆଧାରିତ ଶିଳ୍ପାୟନରେ ଯୁବ ଶକ୍ତିର ସହଭାଗିତା ଉପରେ ପ୍ରତିଯୋଗୀମାନେ ପାୱାର୍ ପଏଣ୍ଟ ମାଧ୍ୟମରେ ନିଜ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ ଜିଲ୍ଲା କ୍ରୀଡାଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡଃ ସୁରେଶ ଚନ୍ଦ୍ର ଦାସ, ମାର୍ଶାଘାଇ ମହାବିଦ୍ୟାଳୟରୁ ସୁକାନ୍ତ କୁମାର ପ୍ରଧାନ ଓ ତୁଳସୀ ମହିଳା ମହାବିଦ୍ୟାଳୟରୁ ଶ୍ରଦ୍ଧାଞ୍ଜଳି ମିଶ୍ର ଯୋଗ ଦେଇଥିବାବେଳେ ସାମାଜିକ କର୍ମୀ ଇଂ ଅକ୍ଷୟ କୁମାର ପାଣି ଓ ମାଇଁ ଭାରତ ଜିଲ୍ଲା ସହାୟକ ଲକ୍ଷ୍ମୀକାନ୍ତ ଜେନା, କେନ୍ଦ୍ରୀୟ ପ୍ରତିନିଧି ରସେନ୍ଦ୍ରରାମ ଦେଓ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀଧର ମଲ୍ଲିକ, ଦେବସୁନ୍ଦର ପାଢ଼ୀ, ସୁଭଦ୍ରା ମଲ୍ଲିକ, ଗୁଲୁ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

ଉମରକୋଟ ପ୍ରଶାସନ ପକ୍ଷରୁ ଜବରଦଖଲ ଓ ବେଆଇନ୍ ମଦ ଦୋକାନ ଉଚ୍ଛେଦ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଅପରାଧିକ କାର୍ଯ୍ୟକଳାପ ଏବଂ ବେଆଇନ୍ ଜବରଦଖଲ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଉମରକୋଟ ପ୍ରଶାସନ। ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ବ୍ୟାପକ ଉଚ୍ଛେଦ ଅଭିଯାନ ଚଳାଯାଇଛି। ଜେସିବି ସହାୟତାରେ ଦୁଇଟି ଘର ଏବଂ ଦେଶୀ



ମଦ ବିକ୍ରି ଅଭିଯୋଗରେ ଦୁଇଟି ଦୋକାନକୁ ଭଙ୍ଗାଯାଇଥିବା ବେଳେ ଡ୍ରେନ୍ ଜବରଦଖଲ ଉଚ୍ଛେଦକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପ୍ରଶାସନର ଏହି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନକୁ ନେଇ ସମଗ୍ର ସହରରେ ଚର୍ଚ୍ଚା ଜୋର୍ ଧରିଛି। ଛୁରାମାଡ଼ ଅଭିଯୁକ୍ତଙ୍କ ଘର ଭଙ୍ଗାଗଲା ସୂଚନା ଅନୁଯାୟୀ, ଅକ୍ଟୋବର ୧୦ ତାରିଖରେ ସ୍ଥାନୀୟ ପେଣ୍ଡାଣୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଓ ଛୁରାମାଡ଼ ଘଟଣା ଘଟିଥିଲା। ଏହି ମାମଲାରେ ଅଭିଯୁକ୍ତ ଭାବେ ଚିହ୍ନଟ ହୋଇଥିବା ସୀମାଞ୍ଚଳ ବାଗ ଏବଂ ଅବଦୁଲଙ୍କ ଘର ଉପରେ ପ୍ରଶାସନ ବୁଲଡୋଜର ଚଳାଇଛି। କେନାଲ ସାହି ସ୍ଥିତ ସୀମାଞ୍ଚଳ ବାଗଙ୍କ ଘର ଭାଙ୍ଗିବା ପୂର୍ବରୁ ସେଥିରେ ଥିବା ଆସବାବପତ୍ର ବାହାର କରାଯାଇଥିଲା। ଉଚ୍ଛେଦ ସମୟରେ ସୀମାଞ୍ଚଳଙ୍କ ପରିବାର ଲୋକେ କାନ୍ଦି କାନ୍ଦି ଘର ନଭାଙ୍ଗିବାକୁ ଅଧିକାରୀମାନଙ୍କୁ ଗୁହାରି କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଅବଦୁଲଙ୍କ ଘରକୁ ମଧ୍ୟ ପ୍ରଶାସନ ଭାଙ୍ଗି ଦେଇଛି। ତେବେ ଅବଦୁଲ ଏହି ଘରଟିକୁ ଅନ୍ୟ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରିଦେଇଥିବା ନେଇ ସ୍ଥାନୀୟ ଲୋକେ ଅଧିକାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ନୋଟିସ୍ ପାଇବା ପରେ ସମ୍ପୃକ୍ତ ଘରୁ ଆସବାବପତ୍ର ପୂର୍ବରୁ ହଟାଇ ନିଆଯାଇଥିବା ଜଣାପଡ଼ିଛି। ବେଆଇନ୍ ମଦ ଦୋକାନ ଓ ଡ୍ରେନ୍ ଜବରଦଖଲ ଉପରେ ନଜର ଏହି ଅଭିଯାନ କ୍ରମରେ ଡିଏନ୍‌କେ ମାଛ ବଜାର ନିକଟରେ ବେଆଇନ୍ ଭାବେ ଦେଶୀ ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହାକୁ ଭିତ୍ତି କରି ପ୍ରଶାସନ ସେଠାରେ ଥିବା ମଦନ ହରିଜନ ଏବଂ ତପନ ହରିଜନଙ୍କ ଦୁଇଟି ଛୋଟ ଦୋକାନକୁ ଭାଙ୍ଗି ଦେଇଛି। ଅନ୍ୟପଟେ, ଉମରକୋଟ-ନବରଙ୍ଗପୁର ମୁଖ୍ୟ ରାସ୍ତାର ଗୁଳିପାଟଣା ସାହି ସ୍ଥିତ 'ଶ୍ରୀମଲ କ୍ଲଥ ସିଣ୍ଡିକେଟ୍' ନିକଟରେ ଡ୍ରେନ୍ ଜବରଦଖଲ ଅଭିଯୋଗ ପାଇ ପ୍ରଶାସନ ସେଠାରେ ପହଞ୍ଚିଥିଲା। ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ କିଛି ସ୍ଥାନୀୟ ଲୋକ ଏହାକୁ ବିରୋଧ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଡ୍ରେନ୍ ଉପରୁ ଜବରଦଖଲ ହଟାଇବା ପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗୋଟିଏ ଦିନର ମହଲତ ଦିଆଯାଇଥିବା ପୌରପରିଷଦ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ୍ ଭାବେ ଉମରକୋଟ ତହସିଲଦାର ମେଘବାନ ବାଗ ଉପସ୍ଥିତ ଥିଲେ। ତାଙ୍କ ସହ ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ୍, ପୌରପରିଷଦ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଏସ୍‌ଡିପିଓ ଶୁଭେନ୍ଦୁ ଶବର ଏବଂ ଝରିଗାଁ ଥାନା ଆଇଆଇସିଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



ଚାଲାଣ ବେଳେ ୯ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କନଗାଁ ଛକ ଠାରେ ବେଆଇନ୍ ଦାଦନ ଶ୍ରମିକ ଚାଲାଣ ଉଦ୍ଦାମକୁ ଖପ୍ରାଖୋଲ ପୋଲିସ ପଣ୍ଡ କରି ୯ ଜଣଙ୍କୁ ଉଦ୍ଧାର କରିଛି । ଏ ନେଇ ଖପ୍ରାଖୋଲ ଥାନାରେ ମାମଲା ରୁଜୁ ହୋଇଛି । ସୂଚନା ଅନୁସାରେ ଖପ୍ରାଖୋଲ ଥାନା ଏଏସ୍‌ଆଇ ନବୀନ କୁମାର ଭୋଇ ରବିବାର ସକାଳ ୯.୩୦ ମି.ସମୟରେ ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ କନଗାଁ ଛକ ଠାରେ ମୋଟ୍ ୯ଜଣ ପୁରୁଷ, ମହିଳା, ବାଳକ ଓ ବାଳିକାକୁ ଦେଖିଥିଲେ । ସମସ୍ତ ଶ୍ରମିକ ବଲାଙ୍ଗୀର ଜିଲ୍ଲା, ସଇଁତଲା ଥାନା, ଟୁସଟା ପାଳି ଘର ସମସ୍ତଙ୍କୁ ତେଲେଙ୍ଗାନା ରାଜ୍ୟର ଚେନ୍ନୁର ସହରକୁ ଇଟା ତିଆରିବା ପାଇଁ ପିଙ୍କି ବସ୍ ଯୋଗେ ଚାଉଳ ବାଞ୍ଚିର ଶ୍ରମିକ ସର୍ଦ୍ଦାର ମୁସୁରୁ ଧରୁଆ ନେଇକି

ପକ୍ଷାତୀତ

32 YEARS

ସମ୍ବାଦ କଳିକା

ଆମେରିକାର ନୂଆ ନିୟମରେ ଚୀନ୍‌ର AI କମ୍ପାନୀ ପ୍ରଭାବିତ

ଆମେରିକାକୁ ପଛରେ ପକାଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଦୁନିଆର ବାଦଶାହ ହେବାର ସ୍ୱପ୍ନ ଦେଖୁଛି ଚୀନ୍ । ତେବେ ଡ୍ରାଗନ୍‌ର ଏହି ସ୍ୱପ୍ନକୁ ଲାଗିଛି ବଡ଼ ଝଟକା। କିଛି ମାସ ପୂର୍ବରୁ ଯେଉଁ ଚୀନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ କ୍ଷେତ୍ରକୁ ଲାଭର ଏକ ବଡ଼ ମାଧ୍ୟମ ବୋଲି ମନେ କରୁଥିଲା, ଏବେ ସେହି କ୍ଷେତ୍ରରେ ଦେଖାଦେଇଛି ଭୟଙ୍କର ମାନ୍ଦାବସ୍ଥା। ଚୀନର ଏଆଇ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ହ୍ରାସ ପାଇବାରୁ ନିବେଶକମାନେ ବଡ଼ କ୍ଷତି ସହୁଛନ୍ତି। ବ୍ଲୁମବର୍ଗର ତଥ୍ୟ ଅନୁଯାୟୀ, ଜୁନ୍ ଶେଷରୁ ଏପର୍ଯ୍ୟନ୍ତ ଚୀନର ତିନୋଟି ପ୍ରମୁଖ ଟେକ୍ନୋଲୋଜି ଇଣ୍ଡେକ୍ସରେ ସାମିଲ୍ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜିକରଣ ପ୍ରାୟ ୧.୭ ଟ୍ରିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୫୮.୧୦ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଏହି ହ୍ରାସ ଡିପ୍‌ସିକ୍ ମୋମେଣ୍ଟ (DeepSeek Moment)ର ପ୍ରଭାବରେ ଚୀନର ଶେୟାର ବଜାରରେ ନିବେଶ କରିଥିବା ଲୋକଙ୍କ ପାଇଁ ବଡ଼ ଝଟକା ସାଜିଛି। ଆଲିବାବା ଓ ଟେନସେଣ୍ଟ ଭଳି ବଡ଼ କମ୍ପାନୀ ଥିବା ହ୍ୟାଙ୍ଗ ସେଙ୍ଗ ଟେକ୍ ଇଣ୍ଡେକ୍ସ ଦୁଇ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅନ୍ୟପଟେ ହାର୍ଡୱେର୍ କମ୍ପାନୀଗୁଡ଼ିକୁ ନେଇ ଗଠିତ ChiNext ଇଣ୍ଡେକ୍ସର ଚଳିତ ବର୍ଷ ପ୍ରାୟ ୩୧ ପ୍ରତିଶତ ହ୍ରାସ ପାଇଛି। ଚିପ୍ କମ୍ପାନୀଗୁଡ଼ିକର Star ୫୦ ଇଣ୍ଡେକ୍ସର ସ୍ଥିତି ମଧ୍ୟ ଖରାପ ହୋଇଛି। ବର୍ଷର ପ୍ରଥମାର୍ଦ୍ଧରେ Z.AI Co. ଏବଂ Zhongji Innolight Co. ଭଳି ଷ୍ଟକ୍ ପାଇଁ ରେକର୍ଡ ଭାଙ୍ଗିଥିବା ଲାଭ ଏବେ ଉଭାନ ହୋଇଯାଇଛି। ବିଶ୍ୱବ୍ୟାପୀ ଏଆଇ କ୍ଷେତ୍ରରେ ଅଭିବୃଦ୍ଧିର ଗତି ଧୀମା ହେବାର ସବୁଠାରୁ ଅଧିକ ପ୍ରଭାବ ଚୀନ ଉପରେ ପଡ଼ିଛି। ଏହାର ମୁଖ୍ୟ କାରଣ ହେଉଛି ଚୀନର ଏଆଇ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ପୂର୍ବରୁ ହିଁ ବହୁତ ଅଧିକ ଥିଲା। ଏହା ସହିତ ଅନେକ କମ୍ପାନୀ ସରକାରୀ ସହାୟତା ଉପରେ ନିର୍ଭରଶୀଳ ଥିଲେ। ଅନ୍ୟପଟେ ଆମେରିକାର କଠୋର କଟକଣା ଯୋଗୁଁ ଚୀନର ସ୍ୱଳ୍ପ ଖର୍ଚ୍ଚରେ ଏଆଇ ମଡେଲ୍ ତିଆରି କରିବା ଓ ଚିପ୍ ଉତ୍ପାଦନରେ ଆତ୍ମନିର୍ଭର ହେବାର ଦାବି ଉପରେ ପ୍ରଶ୍ନ ଉଠିଛି। ଆମେରିକାର ଶେୟାର ବଜାରରେ ଏଆଇ କମ୍ପାନୀଗୁଡ଼ିକର ଶେୟାର ବିକ୍ରି ବଢ଼ିବା ପରେ ଚୀନର Star ୫୦ ଇଣ୍ଡେକ୍ସ ସହ ଜଡ଼ିତ KraneShares ETF ମଧ୍ୟ ୪ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। DeepSeek I Huaweiର ପ୍ରାରମ୍ଭିକ ସଫଳତା ପରେ ଚୀନ ଅଳ୍ପ ଖର୍ଚ୍ଚରେ ଆମେରିକା ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଭଳି ଏଆଇ ମଡେଲ୍ ତିଆରି କରିପାରିବ ବୋଲି ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ଚଳିତ ମାସରେ ଆମେରିକା ପକ୍ଷରୁ ଜାରି ହୋଇଥିବା ନୂଆ ନିୟମର ଡ୍ରାଫ୍ଟ ଚୀନ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଏହି ପ୍ରସ୍ତାବିତ ନିୟମ ଅନୁଯାୟୀ, ଚୀନର କମ୍ପାନୀଗୁଡ଼ିକ ବିଦେଶୀ ଡାଟା ସେଣ୍ଟର ମାଧ୍ୟମରେ Nvidia ଓ ଅନ୍ୟ କମ୍ପାନୀର ଅତ୍ୟାଧୁନିକ ପ୍ରୋସେସର ଭଡ଼ାରେ ନେବାର ସୁଯୋଗ ହରାଇପାରନ୍ତି। ଫଳରେ ଆଗାମୀ ପିଢ଼ିର ଏଆଇ ମଡେଲ୍ ଟ୍ରେନିଂ କରିବା ପାଇଁ ଏକ ବଡ଼ ବିକଳ୍ପ ରାସ୍ତା ବନ୍ଦ ହୋଇପାରେ।

କାର୍ତ୍ତିକ ପୂର୍ଣ୍ଣିମା: ଆମ ସାମାଜିକ ଜୀବନ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ବାର୍ତ୍ତାବହ



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩

ଓଡ଼ିଶାର ଏକ ଅନନ୍ୟ ଓ ଗୌରବମୟ ପର୍ବ କାର୍ତ୍ତିକ ପୂର୍ଣ୍ଣିମା ଅଟେ। ଏହି ପବିତ୍ର ଦିନଟି ଧର୍ମୀୟ ଆସ୍ଥା, ଆଧ୍ୟାତ୍ମିକ ଚେତନା, ଐତିହାସିକ ସ୍ମୃତି ଓ ଓଡ଼ିଆ ଅସ୍ମିତାର ଏକ ଅପୂର୍ବ ସମନ୍ୱୟ। ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଅତ୍ୟନ୍ତ ପବିତ୍ର ମାସ ଭାବେ ବିବେଚନା କରାଯାଏ। ଏହି ମାସରେ ଭଗବାନ ବିଷ୍ଣୁଙ୍କ ଆରାଧନା, ତୁଳସୀ ପୂଜା, ଦୀପଦାନ ଓ ନିରାମିଷ ଭୋଜନ ଆଦିର ବିଶେଷ ମହତ୍ତ୍ୱ ରହିଛି। ଅନେକ ଭକ୍ତ ଏହି ମାସରେ ହବିଷ୍ୟାନ୍ନ ଗ୍ରହଣ କରି ଧର୍ମକର୍ମ ଓ ଭକ୍ତି ସାଧନାରେ ନିଜକୁ ନିୟୋଜିତ କରିଥାନ୍ତି। ମାସର ଶେଷ ଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମା ଅତ୍ୟନ୍ତ ପୁଣ୍ୟ ଓ ପବିତ୍ର ତିଥି ଭାବେ ପରିଚିତ। ଏହି ଦିନ ପବିତ୍ର ନଦୀ ଓ ଜଳାଶୟରେ ସ୍ନାନ କରିବା ସହ ଦେବଦେବୀଙ୍କ ଆରାଧନା କରିବାର ପରମ୍ପରା ରହିଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପ୍ରତ୍ୟେକ ପର୍ବପର୍ବାଣିର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଏହି ପର୍ବ ଗୁଡ଼ିକ କେବଳ ଧାର୍ମିକ ଆସ୍ଥା ଓ ବିଶ୍ୱାସର ପ୍ରତୀକ ନୁହେଁ, ବରଂ ଆମ ସାମାଜିକ ଜୀବନ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ବାର୍ତ୍ତାବହ ଅଟେ। କାର୍ତ୍ତିକ ପୂର୍ଣ୍ଣିମା କହିଲେ ପ୍ରତି ଓଡ଼ିଆଙ୍କ ମନରେ ପ୍ରଥମେ ବୋଇତ ବନ୍ଦାଣ କଥା ମନରେ ଆସେ। ଓଡ଼ିଶାର ଏହି ପରମ୍ପରା ସମୃଦ୍ଧ ସାମୁଦ୍ରିକ ଇତିହାସ ଓ ବାଣିଜ୍ୟିକ ପରମ୍ପରାର ସ୍ମାରକ ବହନ କରେ। ପ୍ରାଚୀନ କାଳରେ ଓଡ଼ିଶାର ସାଧବ ପୁଅମାନେ ବୋଇତ ବନ୍ଦାଣ ଓ ଜାହାଜ ଯୋଗେ ବାଣିଜ୍ୟ କରିବା ପାଇଁ ଶ୍ରୀଲଙ୍କା, ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶକୁ ଯାତ୍ରା କରୁଥିଲେ। ସେମାନେ ଓଡ଼ିଶାରୁ ମସଲା, ହସ୍ତତନ୍ତ ସାମଗ୍ରୀ, ହସ୍ତଶିଳ୍ପ ଓ ବିଭିନ୍ନ ବାଣିଜ୍ୟିକ ଦ୍ରବ୍ୟ ନେଇ ବିଦେଶରେ ବ୍ୟବସାୟ କରୁଥିଲେ। ଏବଂ ବଦଳରେ ବିଭିନ୍ନ ଦେଶରୁ ମୂଲ୍ୟବାନ ସାମଗ୍ରୀ ଆଣୁଥିଲେ। ଏହି ବାଣିଜ୍ୟିକ ସମ୍ପର୍କ ଓଡ଼ିଶାର ଅର୍ଥନୈତିକ ସମୃଦ୍ଧି ସହିତ ସାଂସ୍କୃତିକ ଆଦାନପ୍ରଦାନର ମାର୍ଗ ଖୋଲିଥିଲା। ଲୋକବିଶ୍ୱାସ ଅନୁଯାୟୀ, କାର୍ତ୍ତିକ ପୂର୍ଣ୍ଣିମାର ପବିତ୍ର ତିଥିରେ ସାଧବମାନେ ବୋଇତ ଧରି ବାଣିଜ୍ୟ ଯାତ୍ରାରେ ବାହାରୁଥିଲେ। ସେମାନଙ୍କର ଯାତ୍ରା ଶୁଭ ଓ ନିରାପଦ ହେବା ପାଇଁ ପରିବାରର ସଦସ୍ୟମାନେ ଦେବଦେବୀଙ୍କୁ ପ୍ରାର୍ଥନା କରୁଥିଲେ। ଏହି ଐତିହାସିକ ସ୍ମୃତିକୁ ଜୀବନ୍ତ ରଖିବା ପାଇଁ ଆଜି ମଧ୍ୟ ଓଡ଼ିଶାର ନଦୀ, ପୋଖରୀ ଓ ଜଳାଶୟ ଗୁଡ଼ିକରେ ଲୋକମାନେ କଦଳୀ ପତୁଆ,ରଙ୍ଗିନ କାଗଜରେ ନିର୍ମିତ ଛୋଟ ଡଙ୍ଗାରେ ଦୀପ, ଫୁଲ, ଧୂପ ଓ ପାନଗୁଆ ରଖି ଭସାଇଥାନ୍ତି। ଏହି ସମୟରେ ସମସ୍ତଙ୍କ କଣ୍ଠରୁ ପାରମ୍ପରିକ ଗୀତ ଶୁଭିଥାଏ; ଆ କା ମା ବୈ, ପାନ ଗୁଆ ଥୋଇ। ପାନ ଗୁଆ ତୋର, ମାସକ ଧରମ ମୋର। ଏହି ଗୀତ କେବଳ ଏକ ପରମ୍ପରା ନୁହେଁ, ବରଂ ଓଡ଼ିଆ ଜାତିର ସାମୁଦ୍ରିକ ଗୌରବ ଓ ଐତିହାସିକ ଚେତନାର ଏକ ଅନନ୍ୟ ପରିଚୟ। କାର୍ତ୍ତିକ ପୂର୍ଣ୍ଣିମା ସହିତ ବାଲିଯାତ୍ରାର ମଧ୍ୟ ଗଭୀର ସମ୍ପର୍କ ରହିଛି। ସାଧବ ପୁଅଙ୍କ ବାଣିଜ୍ୟ ଯାତ୍ରାର ସ୍ମୃତିକୁ ମନେ ପକାଇ ପ୍ରତିବର୍ଷ କଟକର ମହାନଦୀ କୂଳରେ ଆୟୋଜିତ ହୁଏ ଐତିହାସିକ ପ୍ରସିଦ୍ଧ ବାଲିଯାତ୍ରା। ଏହା କେବଳ ଏକ ମେଳା ନୁହେଁ, ବରଂ ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଇତିହାସର ଏକ ଜୀବନ୍ତ ପ୍ରତିଛବି। ଏହି ମେଳାରେ ଦେଶୀୟ ସାମଗ୍ରୀ, ହସ୍ତଶିଳ୍ପ, ଖାଦ୍ୟପେୟ ଓ ବିଭିନ୍ନ ମନୋରଞ୍ଜନର ଆସର ଜମି ଥାଏ। ଏହା ଓଡ଼ିଶାର କଳା, ସଂସ୍କୃତି ଓ ବାଣିଜ୍ୟିକ ପରମ୍ପରାକୁ ନୂତନ ପିଢ଼ି ନିକଟରେ ପରିଚିତ କରାଇବାର ଏକ ମାଧ୍ୟମ ଅଟେ। କାର୍ତ୍ତିକ ପୂର୍ଣ୍ଣିମାର ଅନ୍ୟ ଏକ ଧାର୍ମିକ ମହତ୍ତ୍ୱ ରହିଛି। ପୌରାଣିକ ମତ ଅନୁସାରେ, ଏହି ଦିନ ଭଗବାନ ଶିବ ତ୍ରିପୁରାସୁର ନାମକ ଅସୁରକୁ ବଧ କରିଥିଲେ। ଏହି ବିଜୟକୁ ସ୍ମରଣ କରି ଏହି ତିଥିକୁ ତ୍ରିପୁରାରୀ ପୂର୍ଣ୍ଣିମା ବା ଦେବ ଦୀପାବଳି ଭାବେ ମଧ୍ୟ ଅଭିହିତ କରାଯାଏ। ଏହା ଅସତ୍ୟ ଉପରେ ସତ୍ୟର, ଅଧର୍ମ ଉପରେ ଧର୍ମର ଏବଂ ଅନ୍ଧକାର ଉପରେ ଆଲୋକର ବିଜୟର ମଧ୍ୟ ପ୍ରତୀକ ଅଟେ। ଏହି ଦିନ ଭଗବାନ ବିଷ୍ଣୁ, ଶିବ ଓ ଅନ୍ୟ ଦେବା ଦେବୀଙ୍କ ଆରାଧନା କରାଯାଏ। ଅନେକ ସ୍ଥାନରେ ଦୀପଦାନ, ଭଜନ, କୀର୍ତ୍ତନ ଓ ଧାର୍ମିକ ଅନୁଷ୍ଠାନ ଆୟୋଜିତ ହୁଏ। ଏହି ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା ଭାବେ ମଧ୍ୟ ପାଳନ କରାଯାଏ। ବିଶେଷକରି ବୈଷ୍ଣବ ପରମ୍ପରାରେ ଏହି ଦିନ ଶ୍ରୀକୃଷ୍ଣଙ୍କ ରାସଲୀଳାର ସ୍ମରଣ ଓ ରାଧାକୃଷ୍ଣଙ୍କ ଉପାସନା କରାଯାଏ। ଆଧୁନିକତାର ପ୍ରଭାବରେ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଘଟୁଥିଲେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମାର ଆକର୍ଷଣ ଓ ଗୁରୁତ୍ୱ ଆଜି ମଧ୍ୟ ଅତୁଟ ରହିଛି। ଏହି ପର୍ବ ଆମକୁ ଆମର ମୂଳ, ଇତିହାସ ଓ ପରିଚୟ ସହିତ ଯୋଡ଼ି ରଖିଛି। ତେଣୁ ଏହି ପରମ୍ପରାକୁ କେବଳ ଆନୁଷ୍ଠାନିକ ଭାବେ ପାଳନ ନ କରି ଏହା ପଛରେ ଥିବା ଐତିହାସିକ ଓ ସାଂସ୍କୃତିକ ମହତ୍ତ୍ୱକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ଅଟେ। ଏଥି ସହିତ ନଦୀ, ପୋଖରୀ ଓ ଜଳାଶୟରେ ଡଙ୍ଗା ଭସାଇବା ସମୟରେ ପରିବେଶ ପ୍ରତି ମଧ୍ୟ ସଚେତନ ରହିବା ଆବଶ୍ୟକ। ପରିବେଶ ଅନୁକୂଳ ସାମଗ୍ରୀରେ ଡଙ୍ଗା ପ୍ରସ୍ତୁତ କରି ଜଳ ପ୍ରଦୂଷଣ ରୋକିବା ଉଚିତ। କାର୍ତ୍ତିକ ପୂର୍ଣ୍ଣିମା ଆମ ପାଇଁ କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଆମର ଗୌରବମୟ ଅତୀତକୁ ସ୍ମରଣ କରିବାର ଏକ ପବିତ୍ର ଅବସର ଅଟେ। ବୋଇତ ବନ୍ଦାଣର ପରମ୍ପରା ଆମକୁ ଓଡ଼ିଆ ସାଧବ ପୁଅଙ୍କ ସାହସ, ଦୁଃସାହସିକ ଯାତ୍ରା ଓ ବାଣିଜ୍ୟିକ ଦକ୍ଷତାର କଥା ମନେ ପକାଇ ଦିଏ। ଆମ ପୂର୍ବପୁରୁଷଙ୍କ ଏହି ଗୌରବମୟ ଐତିହ୍ୟ ଆଜି ମଧ୍ୟ ଆମକୁ ଗର୍ବିତ କରେ। ତେଣୁ ଏହି ପର୍ବର ପ୍ରକୃତ ମହତ୍ତ୍ୱ ହେଉଛି ଆମ ଐତିହ୍ୟକୁ ସମ୍ମାନ ଦେବା, ପରମ୍ପରାକୁ ସୁରକ୍ଷିତ ରଖିବା ଏବଂ ଆଗାମୀ ପିଢ଼ିକୁ ଏହାର ଗୌରବମୟ ଇତିହାସ ସହ ପରିଚିତ କରାଇବା। ଏହି ପବିତ୍ର ଦିନର ଉଲ୍ଲାସ ଆମ ସମସ୍ତଙ୍କ ଜୀବନରେ ଶାନ୍ତି, ସମୃଦ୍ଧି, ସଦ୍‌ଭାବନା ଓ ନୂତନ ଆଶା ସଞ୍ଚାର କରୁ।



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧାପକ ଓ ଉପ ବିଭ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ବୋଇତ ବନ୍ଦାଣ ଉତ୍ସବ ଓ ଐତିହାସିକ ବାଲିଯାତ୍ରା

ନୌବାଣିଜ୍ୟ କ୍ଷେତ୍ରରେ ପ୍ରାଚୀନ କଳିଙ୍ଗର ଭୂମିକା, ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। କୁହଯାଏ ସୋମବଂଶୀ ଓ ଗଙ୍ଗବଂଶୀ ଶାସନ କାଳରେ ମଧ୍ୟ ଓଡ଼ିଶାର ସାମୁଦ୍ରିକ ଓ ନୌଚାଳନା ପରମ୍ପରା ଆଦିର ବିକାଶ ଘଟିଥିଲା। ଓଡିଶାର ସମୃଦ୍ଧ ସାମୁଦ୍ରିକ ଇତିହାସରେ ବୋଇତ ବନ୍ଦାଣ ଉତ୍ସବକୁ ପ୍ରତ୍ୟେକ ଓଡ଼ିଆ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି ମହାକାର୍ତ୍ତିକ ପୂର୍ଣ୍ଣିମାର ସେହି ବ୍ରହ୍ମ ମୁହୂର୍ତ୍ତକୁ। ପିଲାଠାରୁ ଆବାଳ ବୃଦ୍ଧ ବନିତା ସମସ୍ତେ ବଡିଭୋରରୁ ସମୁଦ୍ର, ବିଭିନ୍ନ ନଦୀ, ପୁଷ୍କରିଣୀ ଆଦିରେ କଦଳୀ ପାଟୁକା ବା ସୋଲରେ ନିର୍ମିତ ଡଙ୍ଗା ଭସାଇ ଓଡ଼ିଆ ସାଧବ ପୁଅମାନଙ୍କ ସାହସିକତା ଓ ସାମୁଦ୍ରିକ ଯାତ୍ରାକୁ ସ୍ମରଣ କରିବା ସହିତ ମହାକାର୍ତ୍ତିକର ପୂଣ୍ୟ ଅର୍ଜନ କରିଥାଆନ୍ତି । ସମସ୍ତ ମୁଖରେ ସେହି ଲୋକଗୀତ “ଆ କା ମା ବୈ ପାନ ଗୁଆ ଥୋଇ, ପାନ ଗୁଆ ତୋର, କାର୍ତ୍ତିକ ମାସ ଧର୍ମ ଯାକ ମୋର” ଉଚ୍ଚାରଣ କରିଥାନ୍ତି। ହିନ୍ଦୁ ଧର୍ମରେ କାର୍ତ୍ତିକ ମାସରେ ପ୍ରତ୍ୟେହ ପ୍ରାତଃରେ ସ୍ନାନ, ଦେବ ଦର୍ଶନ ଓ ହବିଷ୍ୟ ଅନ୍ନଭୋଜନ କଲେ କୋଟି ପୂଣ୍ୟ ମିଳେ ବୋଲି ବିଶ୍ୱାସ କରାଯାଏ। ମର୍ତ୍ତ୍ୟ ବୈକୁଣ୍ଠ କୁହାଯାଉଥିବା ଶ୍ରୀ ଜଗନ୍ନାଥ ଧାମରେ ହବିଷ୍ୟାଳି ବ୍ରତଧାରୀ ବହୁ ସଂଖ୍ୟାରେ ଏକତ୍ରିତ ହୋଇ କାର୍ତ୍ତିକ ବ୍ରତ ପାଳନ କରନ୍ତି। ସେଥିପାଇଁ କୁହଯାଏ ବ୍ରତ ମଧ୍ୟରେ “କାର୍ତ୍ତିକ ବ୍ରତ”, ଯାତ୍ରା ମଧ୍ୟରେ “ରଥଯାତ୍ରା” ଓ ଓଷା ମଧ୍ୟରେ “ବଡ ଓଷା”। ଅପରପକ୍ଷେ ପ୍ରାଚୀନ କାଳରେ, ଉତ୍କଳୀୟ ବଣିକ ମାନେ ବାଣିଜ୍ୟ ପାଇଁ ସେମାନଙ୍କ ବିଦେଶ ଯାତ୍ରା ଆରମ୍ଭ ପାଇଁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅପେକ୍ଷା କରୁଥିଲେ। ଏହି ସମୟରେ ଉତ୍ତର ପୂର୍ବ ମୌସୁମୀ ବାୟୁ ଦକ୍ଷିଣ ପଶ୍ଚିମ ଦିଗକୁ ସ୍ଥିର ଭାବରେ ପ୍ରବାହିତ ହେବା ଆରମ୍ଭ କରେ ଯାହା ସେମାନଙ୍କ ବୋଇତ ସମୁଦ୍ର ପାର ହୋଇ ଇଣ୍ଡୋନେସିଆ, ଶ୍ରୀଲଙ୍କା ଏବଂ ବର୍ମା ଆଡକୁ ଅଗ୍ରସର ହେବାରେ ସାହାଯ୍ୟ କରେ । କାର୍ତ୍ତିକ ପୂର୍ଣ୍ଣିମୀରେ ସାଧବ ମାନେ ବିଦେଶ ଯାତ୍ରାର ଶୁଭାରମ୍ଭ କରିଥାନ୍ତି ଏବଂ ସାଧବ ବୋହୂମାନେ ସାଧବମାନଙ୍କ ବିଦେଶ ଗସ୍ତର ନିରାପଦ ପ୍ରତ୍ୟାବର୍ତ୍ତନକୁ କାମନା କରି ବୋଇତ ବନ୍ଦାପନା କରି ଦୀପ, ଧୂପ ପୂଜା ନୈବେଦ୍ୟ କରି ସେମାନଙ୍କ ନିରାପଦ ପ୍ରତ୍ୟାବର୍ତ୍ତନର ଶୁଭ ମନାସିଥାନ୍ତି। ଅନ୍ୟପକ୍ଷରେ କଳିଙ୍ଗର ସାଧବ ପୁଅମାନେ ବାଣିଜ୍ୟ କାରବାର ସହିତ ଭାରତୀୟ ସଂସ୍କୃତି, ସାହିତ୍ୟ, କଳା ଭାସ୍କର୍ଯ୍ୟକୁ ପ୍ରଚାର ଓ ପ୍ରସାର କରୁଥିଲେ। କଳିଙ୍ଗ ସାଧବ ମାନେ ଭାରତ ତଥା ଓଡିଶାର ସଂସ୍କୃତି, କଳା ସ୍ଥାପତ୍ୟକୁ ବିଦେଶରେ ପହଞ୍ଚିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ବର୍ତ୍ତମାନ ଇଣ୍ଡୋନେସିଆର ଜାଭା ସ୍ଥିତ ପ୍ରମ୍ବନନ୍ ମନ୍ଦିରରେ ଅନେକ ହିନ୍ଦୁ ଦେବା ଦେବୀ ମନ୍ଦିର ଛାପ ଦେଖିଲେ ଯେକେହି ସେହି କଳିଙ୍ଗ ସାଧବ ବୀରଙ୍କ ଆମର ଗାଥା ସ୍ମରଣ କରିପାରିବ। ଉତ୍କଳର ଏହି ପାରମ୍ପରିକ “ଡଙ୍ଗାବସା ଉତ୍ସବ”ଟିକୁ ପିଢି ପରେ ପିଢି ବଜାୟ ରଖିଛନ୍ତି। ଯାହା ଉତ୍କଳୀୟ ସାଧବଙ୍କ ବ୍ୟବସାୟୀକ ପ୍ରବୃତ୍ତି, ସ୍ୱାବଲମ୍ବୀ, ବୈଦେଶିକ ସମ୍ପର୍କ, ‘ଆମଦାନୀ ଓ ରପ୍ତାନି’ ମାଧ୍ୟମରେ ଦେଶ ବିଦେଶରେ ବାଣିଜ୍ୟିକ ସମ୍ପର୍କ ସୁଦୃଢ କରିବାରେ ସକ୍ଷମ ହେଉଥିଲେ । ସେମାନଙ୍କ ଆତ୍ମନିର୍ଭରଶୀଳ ମାନସିକତା ଓ ସ୍ୱାବଲମ୍ବୀ ହେବାର ମନୋବୃତ୍ତିକୁ ଆଜିର ଡଙ୍ଗା ଭସା ପରମ୍ପରା ଅଧିକ ସତେଜ କରିଛି। ପ୍ରାଚୀନ ଓଡିଶାର ପ୍ରମୁଖ ଐତିହାସିକ ପରିଚୟ ଥିଲା କଳିଙ୍ଗ। କଳିଙ୍ଗର ବଣିକ ମାନେ ସାଧବ ରୂପେ ପରିଚିତ ଥିଲେ । ସେତେବେଳେ କଳିଙ୍ଗ ସାଧବ ପୁଅ ମାନେ ବଙ୍ଗୋପସାଗର ଦେଇ ଶ୍ରୀଲଙ୍କା (ସିଂହଳ), ଜାଭା, ସୁମିତ୍ରା ବାଲି, ବୋର୍ଣ୍ଣିଓ, ମାଲେସିଆ, ବର୍ମା, ଥାଇଲାଣ୍ଡ, କମ୍ବୋଡ଼ିଆ, ଚୀନ୍ ସହିତ ବାଣୀଜ୍ୟ କରୁଥିଲେ, ଇଣ୍ଡୋନେସିଆର ବାଲି ଦ୍ୱୀପ ସେମାନଙ୍କ ଅନ୍ୟତମ ପ୍ରମୁଖ ଏବଂ ସ୍ଥାୟୀ କେନ୍ଦ୍ର ଥିଲା। ସେବେଠାରୁ ଏହି ଯାତ୍ରାକୁ ବାଲି ଯାତ୍ରା ନାମରେ ନାମିତ କରାଯାଇଛି। ସେମାନେ ଏହି ଯାତ୍ରା ବେଳେ ସୁକ୍ଷ୍ମ ବସ୍ତ୍ର, ମସଲା, ହାତୀଦାନ୍ତ, ମୂଲ୍ୟବାନ୍ ପଥର, ଲୁହା ସମାଗ୍ରୀ, ଚାଉଳ ରପ୍ତାନୀ କରୁଥିବାବେଳେ ସୁନା, ରୂପା, ମୁକ୍ତା, ମାଣିକ୍ୟ, ରେଶମ ସାମଗ୍ରୀ ଆଦି ଆମଦାନୀ କରୁଥିଲେ। ଏହା ବ୍ୟବସାୟିକ, ସାଂସ୍କୃତିକ ଏବଂ ଧାର୍ମିକ ସମ୍ପର୍କ ସୁଦୃଢ କରିବାରେ ଏକ ସେତୁ ଭଳି କରେ। ଏହି ନୌବାଣିଜ୍ୟ ପରମ୍ପରା ସମଗ୍ର ଦକ୍ଷିଣ ପୂର୍ବ ଏସିଆରେ ଭାରତୀୟ କଳା, ସ୍ଥାପତ୍ୟ, ସଂସ୍କୃତି, ଲିପି, ହିନ୍ଦୁ ଧର୍ମ ପ୍ରସାର ପ୍ରଚାରରେ ଅତୁଳନୀୟ ଅବଦାନ ଥିଲା। ଆଜିର ସମୃଦ୍ଧ ଓଡ଼ିଶା ଗଢ଼ିବା ପରିକଳ୍ପନା ରେ ନୀଳ ଅର୍ଥନୀତି ଅଭିବୃଦ୍ଧି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଓଡ଼ିଶାର ଥିବା ବିସ୍ତୀର୍ଣ୍ଣ ବେଳାଭୂମି ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସଚାଷ, ଶୈବାଳ ପ୍ରୋଜେକ୍ଟ ସହ ଅଭ୍ୟନ୍ତରୀଣ ଜଳପଥର ଉନ୍ନତି କରଣ ପଦକ୍ଷେପ ନିଶ୍ଚିତ ଭାବେ ଉପକୂଳବର୍ତ୍ତୀ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ସହ ସାମୁଦ୍ରିକ ଭିତ୍ତିକ ଜୀବିକା ସ୍ୱଚ୍ଛଳ ହେବାରେ ଅଧିକ ପ୍ରଭାବଶାଳୀ ହୋଇପାରିବ। ବନ୍ଦର ଗୁଡିକ ଉନ୍ନତିକରଣ ସାଧିତ ହେଲେ ବିଶ୍ୱ ବଜାରକୁ ଖଣିଜ ସମ୍ପଦ ରପ୍ତାନୀ ସହିତ ଇସ୍ପାତ, ଆଲୁମିନିୟମ ଏବଂ ପେଟ୍ରୋଲିୟମ ପଠାଇବା ବୃଦ୍ଧି ପାଇବା ସହିତ ସହିତ ମୋଟ ରାଜ୍ୟ ଘରୋଇ ଉତ୍ପାଦ ଆଗକୁ ବଢିବା ସହିତ ରାଜ୍ୟ ଅର୍ଥନୈତିକ ଅଭିବୃଦ୍ଧିରେ ବିଶେଷ ସହାୟକ ହେବ। ପ୍ରଥମେ ଆମ ରାଜ୍ୟର କଟକ ସ୍ଥିତ ଗଡଗଡିଆ ଘାଟରେ ଐତିହାସିକ ବାଲିଯାତ୍ରାର ଶୁଭାରମ୍ଭ ହୋଇଥିଲା ବେଳେ ପରେ ପରେ ପାରାଦୀପରେ କଳିଙ୍ଗ ବାଲିଯାତ୍ରା ଓ ଅନ୍ୟାନ୍ୟ ସ୍ଥାନରେ ବାଲିଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେଉଛି । କଟକର

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୨୪ ନଭେମ୍ବର, ୨୦୨୬ ମଙ୍ଗଳବାର



କେନ୍ଦୁଝର ଜିଲ୍ଲାରେ ପ୍ରଥମ ଦିନ ୮୫% ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ

କେନ୍ଦୁଝର, ନ୍ୟୁଜ୍

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦୁଝର ଜିଲ୍ଲାରେ ତୀବ୍ର ପଲ୍ସ ପୋଲିଓ ଟୀକାକରଣ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଓ ମାତୃ ବିଭାଗ ପରିସରରେ ସକାଳ ୮ଟାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ ଶିଶୁଙ୍କୁ ପୋଲିଓ ବୁନ୍ଦା ପିଆଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜିଲ୍ଲାରେ ପ୍ରଥମ ଦିନରେ ମୋଟ୍ ୧,୫୦,୫୦୩ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି, ଯାହା ଲକ୍ଷ୍ୟର ପ୍ରାୟ ୮୫ ପ୍ରତିଶତ। ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଛି। ଜିଲ୍ଲାର ୮୪୦ଟି ପୋଲିଓ ବୁଥ୍‌ରେ



ଟୀକାକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ, ଅଭିଯାନରୁ ବାଦ୍ ପଡ଼ିଥିବା ଶିଶୁଙ୍କୁ ଚିହ୍ନଟ କରି ପୋଲିଓ ବୁନ୍ଦା ପ୍ରଦାନ କରିବା ନିମନ୍ତେ ନଭେମ୍ବର ୨୩ ଓ ୨୪ ତାରିଖରେ ଦୁଇଦିନ ଧରି ଘରକୁ ଘର ଯାଇ ଟୀକାକରଣ କରାଯିବ। ସୂଚନାଯୋଗ୍ୟ ଯେ, ୨୨.୧୧.୨୦୨୬ ତାରିଖ ରବିବାର ଦିନ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧,୪୯୨ ଜଣ, ବାସୁଦେବପୁରରେ ୧୦,୯୯୯ ଜଣ, ଭଣ୍ଡାରେ ୭,୪୮୬ ଜଣ, ଫକୀରପୁରରେ ୮,୧୯୮ ଜଣ, ଘଟଗାଁରେ ୯,୭୨୧ ଜଣ, ହରିଚନ୍ଦନପୁରରେ ୧୪,୧୭୯ ଜଣ, ଝୁମ୍ପୁରାରେ ୯,୬୬୮ ଜଣ, ପଦ୍ମପୁରରେ ୧୨,୨୪୭ ଜଣ, ପାଟଣାରେ ୯,୬୦୧ ଜଣ, ସାଇଁକୁଳରେ ୧୧,୧୦୯ ଜଣ, ସାଳନିଆଁରେ ୧୧,୬୪୭ ଜଣ, ତେଲକୋଇରେ ୮,୦୦୭ ଜଣ, ଉଦୟପୁରରେ ୮,୬୯୬ ଜଣ, ଯୋଡ଼ାରେ ୩,୬୯୩ ଜଣ ଓ ବଡ଼ବିଲରେ ୪,୭୭୬ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଏହାସହ ଆନନ୍ଦପୁର ଉପଖଣ୍ଡରେ ୨,୧୫୩ ଜଣ, ଚମ୍ପୁଆ ଉପଖଣ୍ଡରେ ୧,୪୩୪ ଜଣ ଓ କେନ୍ଦୁଝର ସହରରେ ୫,୨୯୭ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ଏହି ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୧ଟି ଟ୍ରାନ୍‌ଜିଟ୍ ଟିମ୍‌ରେ ୬୨ ଜଣ ସଦସ୍ୟ, ୧୪ଟି ମୋବାଇଲ୍ ଟିମ୍, ୧୭୩ ଜଣ ସୁପରଭାଇଜର ଓ ୩,୩୬୦ ଜଣ ଭ୍ୟାକ୍ସିନେଟର ନିୟୋଜିତ ହୋଇଥିଲେ। ଉଦ୍ଘାଟନୀ ସମାରୋହରେ ଡିପିଏଚ୍‌ଓ ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ବସନ୍ତ କୁମାର ପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିପିଡି) ଡାକ୍ତର ପୁଷ୍ପାଞ୍ଜଳି ପଟ୍ଟନାୟକ, ଡିପିଏମ୍ (ଏନ୍‌ଏଚ୍‌ଏମ୍) ନିତ୍ୟରଞ୍ଜନ ବରାଳ, ଡିପିଏଚ୍‌ସିଓ ଭରତ ଚନ୍ଦ୍ର ସାହୁ, ଜିଲ୍ଲା ରେଡ୍‌କ୍ରସ୍‌ର ଏ.ଆର୍. ଖାନ୍, ରୋଟାରି କେନ୍ଦୁଝରର ସଞ୍ଜିବ କୁମାର ଓଡା, ଡିଭିଏଲ୍‌ଏମ୍ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଏଲ୍‌ଏଚ୍‌ଭି ବୁଧୁନୀ ମହାପାତ୍ର, ଭିବିଡିସି ମନୋଜ ମହାପାତ୍ର, ଡିପିସି ତାପସ କୁମାର ଜେନା, ଏସ୍.ଏ. ବୃନ ସାହୁ, ଆଇସିଏ ଚିତ୍ତରଞ୍ଜନ ଜେନାଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମ୍ପୃକ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ନଭେମ୍ବର ୨୭ରୁ ମୟୂରଭଞ୍ଜ ଲିଭିଂ ହେରିଟେଜ ଫେଷ୍ଟିଭାଲ

ଐତିହ୍ୟ, କଳା, ସଂସ୍କୃତି ଓ ପାରମ୍ପରିକ ଜୀବିକାକୁ ମିଳିବ ନୂଆ ପରିଚୟ



ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାର ସମୃଦ୍ଧ ଐତିହ୍ୟ, ପାରମ୍ପରିକ କଳା, ସଂସ୍କୃତି ଓ ଲୋକ ଜୀବନକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା ଲକ୍ଷ୍ୟରେ ଆସନ୍ତା ନଭେମ୍ବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ମୟୂରଭଞ୍ଜ ଲିଭିଂ ହେରିଟେଜ୍ ଫେଷ୍ଟିଭାଲ୍-୨୦୨୬' ବାରିପଦା ସ୍ଥିତ ବେଲଗଡ଼ିଆ ପ୍ୟାଲେସ୍ ଠାରେ ଆୟୋଜିତ ହେବ। ବାଂଲାନାଟକ ଡଟ୍ କମ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଆକ୍ସିସ୍ ବ୍ୟାଙ୍କ ଫାଉଣ୍ଡେସନ୍ ସହଯୋଗ କରୁଥିବା ବେଳେ ବେଲଗଡ଼ିଆ ପ୍ୟାଲେସ୍ ଭେନ୍ୟୁ ପାର୍ଟନର ରହିଛି। ଐତିହ୍ୟ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ମାଣ ବିଷୟବସ୍ତୁକୁ ନେଇ ଏହି ଉତ୍ସବ ଆୟୋଜନ କରାଯାଉଥିବା ବେଳେ ମୟୂରଭଞ୍ଜର ପାରମ୍ପରିକ କଳାକାର, ଶିଳ୍ପୀ, ବୁଣାକାର, କାରିଗର ଓ ସ୍ଥାନୀୟ ସମୁଦାୟ ମାନଙ୍କ କଳାକୃତି ଓ ଜୀବିକାର ସୁଯୋଗକୁ ପ୍ରୋତ୍ସାହନ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଉତ୍ସବରେ ମୟୂରଭଞ୍ଜର ସମୃଦ୍ଧ ଆଦିବାସୀ କଳା, ସଂସ୍କୃତି ସହିତ ସ୍ଥାନୀୟ ହସ୍ତଶିଳ୍ପ, ବୟନଶିଳ୍ପ, ପାରମ୍ପରିକ ଖାଦ୍ୟ ଓ ଗ୍ରାମୀଣ ଉତ୍ପାଦର ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ଅଞ୍ଚଳର ଲୋକକଳା ଓ ପାରମ୍ପରିକ ସାଂସ୍କୃତିକ ଦଳଙ୍କ ସହ ସ୍ପେନର 'ଲା ଫୁରିଆ ଦେ ଲୋସ ପାଜାରୋସ' ସାଂସ୍କୃତିକ ଦଳ ଏବଂ ୟୁକ୍ରେନ୍‌ର 'ଓଭାରିଆନା ଛଉ ନୃତ୍ୟ ପ୍ରତିନିଧି ଦଳ' ଭଳି ବିଭିନ୍ନ ବିଦେଶୀ ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ନିଜର ପାରମ୍ପରିକ କଳା ପରିବେଷଣ କରିବେ ବୋଲି ବେଲଗଡିଆ ପ୍ୟାଲେସ୍ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୟୁରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ବାଙ୍ଗଲା ନାଟକ ଡଟ୍‌କମ୍ ଓ କଞ୍ଚାକୁବେଶର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାଞ୍ଜନ ରାୟ ଚୌଧୁରୀ, ମୁଖ୍ୟ ପ୍ରବନ୍ଧକ ପ୍ରବୀର ବାନର୍ଜୀ, ଅଭିପ୍ସା ଘୋଷ, ଛଉ ଗୁରୁ ଲୋକନାଥ ଦାସ ଏବଂ ଛଉ ଗବେଷକ ସୁଧୀର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି କହିଛନ୍ତି।

ରାଜ୍ୟସ୍ତରୀୟ ନାଟ୍ୟୋତ୍ସବ:'ପରେ କହିବି' ନାଟକ ଦର୍ଶକଙ୍କୁ କଲା ମନ୍ତ୍ରମୁଗ୍ଧ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନୟାଗଡ ସ୍ଥିତ ପଠାଣି ସାମନ୍ତ ସଂସ୍କୃତି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟୋତ୍ସବରେ ଆମେ, ବାରିପଦାର ବହୁଚର୍ଚ୍ଚିତ ନାଟକ 'ପରେ କହିବି' ଅତ୍ୟନ୍ତ ସଫଳତାର ସହ ମଞ୍ଚସ୍ଥ ହୋଇ ମହୋତ୍ସବରେ ଚହଳ ପକେଇଛି ଓ ପ୍ରାରମ୍ଭରେ ଏହି ନାଟକର ସୁନାମଧନ୍ୟ ଅଭିଜ୍ଞ ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ଓ ପ୍ରତିଟି କଳାକାର ମାନଙ୍କର ଚମତ୍କାର ଅଭିନୟ, ବଳିଷ୍ଠ ନିର୍ଦ୍ଦେଶନା, ଉଚ୍ଚକୋଟୀର ନାଟ୍ୟ ରଚନା, ଶ୍ରୁତିମଧୁର ସଂଗୀତ ସାଂଗକୁ ସ୍ୱଳ୍ପ ଖର୍ଚ୍ଚରେ ନିର୍ମିତ ସୁନ୍ଦର ମଞ୍ଚଶିଳ୍ପ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରି ବିମୋହିତ କରିପକାଇଥିଲା ଓ ବିଭିନ୍ନ ଚରିତ୍ରରେ ସାବଳୀଳ ଅଭିନୟ କରିଥିଲେ ସର୍ବଶ୍ରୀ ପ୍ରଦୀପ ମହାନ୍ତି, ଚିନ୍ମୟ ଦାସ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ, ଅଶୋକ ପଟ୍ଟନାୟକ, ଶାନ୍ତନୁ ପାଢୀ, ଅରୁଣ ପାତ୍ର, ଜୟନ୍ତ ସେନାପତି, ସର୍ବତୋଷ ଦାଶ, ଶିଶିର ଲେଙ୍କା, କାମିନୀକାନ୍ତ ମାଲାକାର, ରାଜୀବ ପାତ୍ର ଓ ସୁଶ୍ରୀ ଲତାଶା ଖୁରାନା ଓ ସଂଗୀତ ନିର୍ଦ୍ଦେଶନା ଦୁର୍ଗା ପାତ୍ର ଦେଇଥିବା ବେଳେ ମଞ୍ଚଶିଳ୍ପ ଦାୟିତ୍ୱରେ ଥିଲେ ନରସିଂହ ବାରିକ। ବିଭିନ୍ନ ବିଭାଗରେ ସହଯୋଗୀ ଭାବେ ନିଜର ପାରଦର୍ଶିତା ଦେଖାଇଥିଲେ ଅଂକୁର ଖୁରାନା, ସୁଧୀର ମହାନ୍ତି, ପ୍ରଦୀପ ସରଘରିଆ, ବିଶ୍ୱଜିତ ପରିଡା, କିରନ ଖୁରାନା ଓ ରାଜୀବ ପାତ୍ର ଓ ବିଶେଷ କରି ମିଠି ଚରିତ୍ରରେ ଚମତ୍କାର ଅଭିନୟ କରିଥିବା ଲତାଶା ସମସ୍ତ ଦର୍ଶକଙ୍କ ହୃଦୟକୁ ଜିଣିପାରିଥିଲେ।

ନଭେମ୍ବର ୩୦ରୁ ବରଗଡ଼ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ଆରମ୍ଭ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାରେ ଚଳିତ ୨୦୨୬-୨୭ ଖରିଫ୍ ଋତୁ ପାଇଁ ଆସନ୍ତା ନଭେମ୍ବର ୩୦ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏ ନେଇ ବରଗଡ଼ ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (DLPC)ର ଅଧ୍ୟକ୍ଷ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ୨୦୨୬-୨୭ ଧାନ ସଂଗ୍ରହ ନୀତି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶନାମା ଏବଂ ଯୋଗାଣ ନିଗମର ନିୟମାବଳୀ ଅନୁଯାୟୀ ଧାନ ସଂଗ୍ରହ ପ୍ରକ୍ରିୟାକୁ ଶତପ୍ରତିଶତ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବୈଠକରେ ନିୟନ୍ତ୍ରିତ ବଜାର କମିଟି (RMC)ର ଭିତ୍ତିଭୂମି ସ୍ଥିତି ସମୀକ୍ଷା କରାଯିବା ସହ ଆସନ୍ତା ନଭେମ୍ବର ୩୦ ତାରିଖରୁ ଜିଲ୍ଲାର ତିନୋଟି ଯାକ



ଆରଏମସି-ବରଗଡ଼, ଅତାବିରା ଏବଂ ପଦ୍ମପୁର ଅଧୀନରେ ପ୍ରାଥମିକ କୃଷି ସମବାୟ ସମିତି (PACS) ଜରିଆରେ ଏକକାଳୀନ ମଣ୍ଡି ଖୋଲାଯାଇ ଧାନକ୍ରୟ ଆରମ୍ଭ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଚଳିତ ଖରିଫ୍ ଋତୁରେ ଚାଷୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇ ପ୍ରକୃତ ଚାଷୀ ଯେପରି ସୁବିଧାରେ ନିଜର ଅମଳ ଧାନ ବିକ୍ରି କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ସାଟେଲାଇଟ୍ ସର୍ଭେ ସମ୍ବନ୍ଧୀୟ ବୈଷୟିକ ଦିଗଗୁଡ଼ିକର ତୁରନ୍ତ ସମାଧାନ, ଟୋକନ୍ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ଏବଂ ମଣ୍ଡିଗୁଡ଼ିକରେ ଚାଷୀଙ୍କ ପାଇଁ ପାନୀୟ ଜଳ, ଛାଇ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହା ସହିତ ସମ୍ଭାବ୍ୟ ଅଦିନିଆ ବର୍ଷା ଓ ପ୍ରତିକୂଳ ପାଗକୁ ଦୃଷ୍ଟିରେ ରଖି ମଣ୍ଡିରେ ଚାଷୀଙ୍କ ଅମଳ ଧାନର ସୁରକ୍ଷା ପାଇଁ ଆଗୁଆ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ଗତିଶୀଳ କରିବା ନିମନ୍ତେ ଚାଉଳକଳ ମାଲିକ ପ୍ରତିନିଧିମାନଙ୍କ ସହ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ପୂର୍ବରୁ ମିଲଗୁଡ଼ିକୁ ଯୋଗାଇ ଦିଆଯାଇଥିବା ଧାନରୁ ପ୍ରସ୍ତୁତ ଚାଉଳ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ନୂତନ ଧାନ ସଂଗ୍ରହ କାର୍ଯ୍ୟକୁ ସମ୍ପୂର୍ଣ୍ଣ ସୁଗମ କରିବାକୁ ପଦକ୍ଷେପ ନିଆଯାଉଥିବା ବୈଠକରେ ସ୍ପଷ୍ଟ କରାଯାଇଛି। ପ୍ରଶାସନ, କୃଷକ ଏବଂ ଚାଉଳକଳ ମାଲିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଧାନ ସଂଗ୍ରହକୁ ଏକ ସଫଳ ଅଭିଯାନରେ ପରିଣତ କରିବାକୁ ସମସ୍ତେ ସହମତି ପ୍ରକାଶ କରିଛନ୍ତି। ଏହି ସମୀକ୍ଷା ବୈଠକରେ ବରଗଡ଼ର ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୁଏ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ଆରକ୍ଷୀ ଅଧୀକ୍ଷକ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ, କୃଷକ ପ୍ରତିନିଧି, ଚାଉଳକଳ ମାଲିକ ପ୍ରତିନିଧି ଏବଂ ଗଣମାଧ୍ୟମର ସାମ୍ବାଦିକଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଘରେ ଘରେ ଶ୍ରୀ ଜଗନ୍ନାଥ ମହାମନ୍ତ୍ର ଭଜନ ଓ ଶ୍ରୀ ଜଗନ୍ନାଥ ସହସ୍ରନାମ ପଠନ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ପବିତ୍ର କାର୍ତ୍ତିକ ମାସ ଅବସରରେ ଭୁବନେଶ୍ୱର ସ୍ଥିତ ରତ୍ନାକର ବାଗ, ହରପ୍ରିୟା ଭିଲା ଠାରେ ଘରେ ଘରେ ମହାମନ୍ତ୍ର ଭଜନ ଓ ଶ୍ରୀ ଜଗନ୍ନାଥ ସହସ୍ରନାମ ପଠନ କାର୍ଯ୍ୟକ୍ରମ ଅତ୍ୟନ୍ତ ଭକ୍ତି, ଶ୍ରଦ୍ଧା ଓ ଆନନ୍ଦ ସହକାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ପକ୍ଷରୁ ଡ଼. ନାରାୟଣ ମହାପାତ୍ର, ତ୍ରିଲୋଚନ ନାୟକ, ପ୍ରଭୁ ରାଜ ପାତ୍ରଙ୍କ ସଂଯୋଜନାରେ ଏହି ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାରତୀ ଭୂଷଣ ପଟ୍ଟନାୟକ ତେଜେଶ୍ୱିନୀ ରଥ ଅନାମିକା ସ୍ୱାଇଁ ପଟ୍ଟନାୟକ ଶରତ ମହାପାତ୍ର ଶ୍ରୀନିବାସ ରାଓ ଲକ୍ଷ୍ମଣ ରାଓ ଅତି ସୁନ୍ଦର ଭଜନ ପରିବେଷଣ କରିଥିଲେ। ପରେ ପରେ ଭକ୍ତମାନଙ୍କର ମିଳିତ କଣ୍ଠରେ ମହାମନ୍ତ୍ର ଧ୍ୱନି, ଭଜନ କୀର୍ତ୍ତନ ଓ ସହସ୍ରନାମ ପଠନରେ ସାରା ଅଞ୍ଚଳ ଭାବମୟ ହୋଇଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଦସ୍ୟ ଓ ଆଖପାଖ ଫ୍ଲାଟ୍‌ର ଲୋକମାନେ ଯୋଗଦେଇ ସହଯୋଗ କରିଥିଲେ। ଏହି ଅବସରରେ ଭାରତ ଇତିହାସ ସଂକଳନ, ଓଡ଼ିଶା କମିଟି ପକ୍ଷରୁ "ଇତିହାସାୟନ" ପୁସ୍ତକରେ ଡ଼. ନାରାୟଣ ମହାପାତ୍ରଙ୍କ ଦ୍ୱାରା ଲିଖିତ "ଶ୍ରୀ ଜଗନ୍ନାଥ ସଂସ୍କୃତି ଆମ ଅସ୍ତିତ୍ୱ" ଓ "ସର୍ବେ ହୋଇବା ଏକ ମୁଖ, ଡାକିବା ଶ୍ରୀ ଜଗନ୍ନାଥ ରଖ"କୁ ପ୍ରକାଶିତ କରିଥିବାରୁ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ ଭକ୍ତ, ଆୟୋଜକ ଓ ସହଯୋଗୀମାନଙ୍କୁ ହୃଦୟରୁ ଧନ୍ୟବାଦ।

ବିଶିଷ୍ଟ ଲୋକକଳାକାର ମହାଦେବ ବେହେରାଙ୍କ ପରଲୋକ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ବୁର୍ଲା ମେଡିକାଲରେ ସୁବର୍ଣ୍ଣପୁର ଜିଲ୍ଲାର ବିଶିଷ୍ଟ ଲୋକ କଳାକାର ମହାଦେବ ବେହେରାଙ୍କ ଦେହାନ୍ତ ହେଇଯାଇଛି । ୨୦୦୧ ମସିହାରୁ ପ୍ରତି ବର୍ଷ ପଏଁରୀ ତିହାରକୁ ତାଙ୍କର କରମ ସାନୀ ଟୁପ୍ ସାମିଲ୍ ହୋଇ ଗୀତ ନାଚ କାର୍ଯ୍ୟକ୍ରମ କରିଆସୁଥିଲେ । ପ୍ରଥମରେ ସେ ରାମଲୀଳା କଳାକାର ଥିଲେ । ବଲେନପାଲିରେ ତାଙ୍କର ନିର୍ଦ୍ଦେଶନାରେ ପ୍ରତିବର୍ଷ ରାମଲୀଳା ପରିବେଷଣ ହୋଇଆସୁଥିଲା । ତାଙ୍କୁ ଗୁରୁ ଭାବେ ଶହ ଶହ ଶିଷ୍ୟ ଶ୍ରଦ୍ଧା ଭକ୍ତି କରୁଥିଲେ । ସେ ଜଣେ ନାଟ୍ୟ ନିର୍ଦ୍ଦେଶକ, ଗୁରୁ, ଗାୟକ ଓ ସୁନ୍ଦର ଝୁମେର ଗୀତ ପରିବେଷଣ କରୁଥିଲେ । ୨୦୧୨ ମସିହାରେ Young Artist Scholarship ପାଇଁ ୫ ଜଣ କଳାକାରଙ୍କୁ ଧରି ଯୁବ ଗବେଷକ ଚୌଧୁରୀ ବିଭାରଙ୍କ ସହ ଦିଲ୍ଲୀ ଦରବାରକୁ ପହଞ୍ଚି ସୋନପୁରର ଗୌରବ ବୃଦ୍ଧି କରିଥିଲେ । ସେହିବର୍ଷ ୨ ଜଣ କଳାକାର ମନୋନୀତ ହୋଇଥିଲେ । ୨୦୧୮ ମସିହାରେ ତାଙ୍କୁ ପଏଁରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୁବର୍ଣ୍ଣ ଲୋକ ମହୋତ୍ସବରେ ମଧ୍ୟ ତାଙ୍କର ଦଳ ଯୋଗଦେଉଥିଲେ । ସୁବର୍ଣ୍ଣପୁର ବାର୍ଷିଆନ କଳାକାରକୁ ହରାଇ ଝୁରିବ ଅନେକ ସାଂସ୍କୃତିକ ଅନୁଷ୍ଠାନ । ତାଙ୍କର ବିୟୋଗରେ ପଏଁରୀ ଅନୁଷ୍ଠାନ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛି ।

ପାଇକମାଳରେ ୫ ଦିନିଆ ପ୍ରଶିକ୍ଷଣ ଶିବିର

କଳା ଧାନ ଚାଷରୁ ସ୍ୱାବଲମ୍ବୀ ହେବେ ମହିଳା ଚାଷୀ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

କଳା ଧାନର ମୂଲ୍ୟ ଶୃଙ୍ଖଳ (ଭ୍ୟାଲୁ ଚେନ୍) ବିକାଶ ଏବଂ ମହିଳା ଚାଷୀଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଜାତୀୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (NIRD&PR) ଓ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଇକମାଳ ବ୍ଲକରେ ନଭେମ୍ବର ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । DAY-NRLMe ୧୨ଟି ଉପକ୍ଷେତ୍ର ମଧ୍ୟରୁ ଅନ୍

32 YEARS
ସମୟ କଳିଙ୍ଗ
ଭୁବନେଶ୍ୱର, ୨୪ ନଭେମ୍ବର, ମଙ୍ଗଳବାର, ୨୦୨୬
ପୃଷ୍ଠା – ୬

ଜାତୀୟ ବ୍ୟାଡ୍‌ମିଣ୍ଟନରେ କମାଲ୍ ଦେଖାଇଲେ ଓଡ଼ିଶା ଖେଳାଳି

ଭୁବନେଶ୍ୱର

ଉତ୍ତରାଖଣ୍ଡର ଡେରାଡୁନଠାରେ ଅନୁଷ୍ଠିତ ୩୯ତମ ସର୍ବଭାରତୀୟ ଡାକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା–୨୦୨୬ରେ ଓଡ଼ିଶା ଡାକ ପରିମଣ୍ଡଳର ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପୁରୁଷ ଦଳଗତ ବିଭାଗରେ ଓଡ଼ିଶା ଉପବିଜେତା ହୋଇ ରୌପ୍ୟ ପଦକ ହାସଲ କରିଥିବା ବେଳେ ମହିଳା ଦଳ କାଂସ୍ୟ ପଦକ ଜିତିଛି। ପୁରୁଷ ଦଳ ପ୍ରି-କ୍ୱାର୍ଟର ଫାଇନାଲରେ ରାଜସ୍ଥାନକୁ ୩–୦ ଏବଂ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକକୁ ୩–୦ ବ୍ୟବଧାନରେ ପରାସ୍ତ କରିଥିଲା। ସେମିଫାଇନାଲରେ ଗତବର୍ଷର ଚାମ୍ପିଅନ୍ ତାମିଲନାଡୁକୁ ୩–୨ ବ୍ୟବଧାନରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ କେରଳ ବିପକ୍ଷରେ ଓଡ଼ିଶା ଦଳ ଦମ୍‌ଦାର ଲଢ଼େଇ କରିଥିଲେ ମଧ୍ୟ ୨–୩ ବ୍ୟବଧାନରେ ପରାଜିତ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ଅନ୍ୟପକ୍ଷରେ ବ୍ୟକ୍ତିଗତ ବିଭାଗରେ ମଧ୍ୟ ଓଡ଼ିଶା ଖେଳାଳିମାନେ ଉତ୍କୃଷ୍ଟ ସଫଳତା ହାସଲ କରିଛନ୍ତି। ମିଶ୍ରିତ ଯୁଗଳ ବିଭାଗରେ ସ୍ୱାଧୀନ ଗୌଡ଼ ସ୍ୱର୍ଣ୍ଣ ପଦକ, ମହିଳା ଏକକ ବିଭାଗରେ ସୀମା ପାଆଲ କାଂସ୍ୟ ପଦକ ଏବଂ ଭେଟେରାନ୍ ଯୁଗଳ ବିଭାଗରେ ହିମାଂଶୁ ଭୂଷଣ ପରିଡ଼ା କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ଡାକ ପରିମଣ୍ଡଳ ଦଳଗତ ଓ ବ୍ୟକ୍ତିଗତ ବିଭାଗରେ ମୋଟ ୫ଟି ପଦକ -୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୩ଟି କାଂସ୍ୟ ହାସଲ କରିଛି। ଖେଳାଳିମାନଙ୍କ କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ଦଳଗତ ଏକତା ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି। ବିଶେଷକରି ଗତବର୍ଷର ଚାମ୍ପିଅନ୍ ତାମିଲନାଡୁକୁ ପରାସ୍ତ କରିବା ଏବଂ ଫାଇନାଲରେ କେରଳକୁ କଡ଼ା ଟକ୍କର ଦେବା ଓଡ଼ିଶା ଡାକ ପରିମଣ୍ଡଳ ପାଇଁ ଏକ ଗୌରବମୟ ସଫଳତା ହୋଇଛି।



ଡ୍ରା'ରେ ଶେଷ ହେଲା ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

ୱେଲିଂଟନ୍

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ୱେଲିଂଟନ୍ ଟେଷ୍ଟ ଡ୍ରା'ରେ ଶେଷ ହୋଇଛି। ମ୍ୟାଚ୍ ଶେଷ କରିବାକୁ ଯେତେବେଳେ ନିଷ୍ପତ୍ତି ନିଆଯାଇଥିଲା, ସେତେବେଳେ ଭାରତକୁ ବିଜୟ ପାଇଁ ପାଞ୍ଚଟି ୱିକେଟ୍ ଆବଶ୍ୟକ ଥିଲା ଏବଂ ୧୫ ଓଭର ବାକି ରହିଥିଲା। ଏଭଳି ପରିସ୍ଥିତିରେ ଭାରତୀୟ ଦଳ ମ୍ୟାଚ୍‌କୁ ଡ୍ରା'ରେ ଶେଷ କରିବାକୁ ନିଷ୍ପତ୍ତି ନେଇଥିଲା। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସରେ ଚମତ୍କାର ସଂଘର୍ଷ କରି ଭାରତୀୟ ବୋଲରମାନଙ୍କୁ ୱିକେଟ୍ ଦେଇ ନଥିଲା। ଏହିପରି ଭାବରେ ଭାରତ ହାତରୁ ବିଜୟର ସୁଯୋଗ ଖସି ଯାଇଥିଲା ଏବଂ ନ୍ୟୁଜିଲାଣ୍ଡ ଟେଷ୍ଟ ବଞ୍ଚାଇବାରେ ସଫଳ ହୋଇଥିଲା।

ୱେଲିଂଟନ୍ ଟେଷ୍ଟର ପଞ୍ଚମ ଦିନରେ ଡାରିଲ୍ ମିଚେଲ ଏବଂ ଗ୍ଲେନ୍ ଫିଲିପ୍ସ ଭାରତୀୟ ବୋଲରମାନଙ୍କୁ ୱିକେଟ୍ ପାଇଁ କଲବଲ କରିଦେଇଥିଲେ। ଉଭୟ ମିଶି ୨୫୮ଟି ବଲ୍ ପର୍ଯ୍ୟନ୍ତ ଭାରତୀୟ ବୋଲରମାନଙ୍କର ସାମ୍ନା କରିଥିଲେ ଏବଂ ୬୩ ରନ୍ ଯୋଡ଼ିଥିଲେ। ମିଚେଲ ୧୮୬ ବଲ୍‌ରେ ଚାରିଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୯ ରନ୍ ଏବଂ ଗ୍ଲେନ୍ ଫିଲିପ୍ସ ୧୨୬ ବଲ୍‌ରେ ଦୁଇଟି ଚୌକା ସହାୟତାରେ ୨୬ ରନ୍ କରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ୧୨୦ ଓଭରରେ ପାଞ୍ଚ ୱିକେଟ୍ ହରାଇ ୨୩୯ ରନ୍ ସଂଗ୍ରହ କରିଥିଲା। ପଞ୍ଚମ ଦିନରେ ମୋଟ ୧୫ ଓଭରର ଖେଳ ବାକି ଥିଲା। ଏହାପରେ ଅମ୍ପାୟାରମାନେ ଉଭୟ ଦଳର ଅଧିନାୟକଙ୍କୁ ସେମାନଙ୍କ ନିଷ୍ପତ୍ତି ପଚାରିଥିଲେ ଏବଂ ପରେ ଉଭୟ ଦଳ ମ୍ୟାଚ୍‌କୁ ଡ୍ରା'ରେ ଶେଷ କରିବାକୁ ନିଷ୍ପତ୍ତି ନେଇଥିଲେ।



ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିଜର ପ୍ରଥମ ଇନିଂସରେ ୩୬୮ ରନ୍ ସଂଗ୍ରହ କରିଥିଲା। ଗୋଟିଏ ସମୟରେ ନ୍ୟୁଜିଲାଣ୍ଡ ୭୦ ରନ୍‌ରେ ପାଞ୍ଚଟି ୱିକେଟ୍ ହରାଇ ଦେଇଥିଲା। ଏହାପରେ ହେନରୀ ନିକୋଲ୍ସଙ୍କ ଅପରାଜିତ ୧୭୫ ରନ୍ ଏବଂ ଗ୍ଲେନ୍ ଫିଲିପ୍ସଙ୍କ ୧୧୮ ରନ୍ ଦଳକୁ ୩୬୮ ରନ୍ ପର୍ଯ୍ୟନ୍ତ ପହଞ୍ଚାଇଥିଲା। ଏହାର ଜବାବରେ ଭାରତ ନିଜର ପ୍ରଥମ ଇନିଂସରେ ନଅ ୱିକେଟ୍ ହରାଇ ୭୨୦ ରନ୍ ସଂଗ୍ରହ କରିଥିଲା ଏବଂ ପାଳି ଘୋଷଣା କରିଥିଲା। କେ.ଏଲ୍. ରାହୁଲ ୧୩୬ ରନ୍ ଏବଂ ଋଷଭ ପନ୍ତ ୧୨୮ ରନ୍‌ର ଇନିଂସ ଖେଳିଥିଲେ। ସେହିପରି ଯଶସ୍ୱୀ ଜୟସ୍ୱାଲ ୮୫ ରନ୍, ଦେବଦତ୍ତ ପାଡିକ୍କଲ ୮୦ ରନ୍, ଅଧିନାୟକ ଶୁବମନ ଗିଲ ୯୮ ରନ୍ ଏବଂ ଧ୍ରୁବ ଜୁରେଲ ୭୮ ରନ୍ କରିଥିଲେ।

ଭାରତ ତରଫରୁ ପ୍ରାରମ୍ଭିକ ସାତଟି ୱିକେଟ୍ ପାଇଁ ୫୦+ ରନ୍‌ର ଭାଗିଦାରୀ ହୋଇଥିଲା। ଯାହା ଟେଷ୍ଟ କ୍ରିକେଟ୍ ଇତିହାସରେ ପ୍ରଥମ ଥର ପାଇଁ ଘଟିଛି। ଏହିପରି ଭାବରେ ଦ୍ୱିତୀୟ ଇନିଂସରେ ଭାରତ ପାଖରେ ୩୫୨ ରନ୍ ?ର ଅଗ୍ରଣୀ ଥିଲା। ଭାରତର ନଜର ନ୍ୟୁଜିଲାଣ୍ଡକୁ ଇନିଂସ ବ୍ୟବଧାନରେ ହରାଇବା ଉପରେ ଥିଲା, କିନ୍ତୁ ବୋଧହୁଏ ପାଳି ଘୋଷଣା କରିବାରେ ଭାରତ ପକ୍ଷରୁ ବିଳମ୍ବ ହୋଇଗଲା।

ନ୍ୟୁଜିଲାଣ୍ଡ ପଞ୍ଚମ ଦିନରେ ଦୁଇ ୱିକେଟ୍ ହରାଇ ୧୧୯ ରନ୍‌ରୁ ଆଗକୁ ଖେଳିବା ଆରମ୍ଭ କରିଥିଲା। ଭାରତକୁ ଡେଭନ୍ କନୱେ୍ଙ୍କ ରୂପରେ ପ୍ରଥମ ସଫଳତା ମିଳିଥିଲା। କନୱେ୍ ୧୬୫ ବଲ୍‌ରେ ସାତଟି ଚୌକା ସହାୟତାରେ ୬୫ ରନ୍ କରି ସୁନ୍ଦରଙ୍କ ଶିକାର ହୋଇଥିଲେ। ଏହାପରେ ରଚିନ୍ ରବୀନ୍ଦ୍ରଙ୍କୁ ପ୍ରସିଦ୍ଧ କୃଷ୍ଣା ଧ୍ରୁବ ଜୁରେଲଙ୍କ ହାତରେ କ୍ୟାଚ୍ କରାଇଥିଲେ। ରଚିନ୍ ୧୨୯ ବଲ୍‌ରେ ଚାରୋଟି ଚୌକା ସହାୟତାରେ ୩୭ ରନ୍ କରିପାରିଥିଲେ। ଟମ୍ ବ୍ଲୁଣ୍ଡେଲଙ୍କୁ ଅଂଶୁଲ କମ୍ବୋଜ ୱିକେଟକିପର ପନ୍ତଙ୍କ ହାତରେ କ୍ୟାଚ୍ କରାଇଥିଲେ। ବ୍ଲୁଣ୍ଡେଲ ୧୫ ରନ୍ କରିପାରିଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କୃଷ୍ଣା ଦୁଇଟି ୱିକେଟ୍ ନେଇଥିଲେ। ସେହିପରି ବୁମରା, କମ୍ବୋଜ ଏବଂ ସୁନ୍ଦରଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

ଏଟିପି ଫାଇନାଲ୍ସ ଜିତିଲେ ଆଲ୍‌କାରାଜ

ତୁରିନ

ଚଳିତ ବର୍ଷର ଶେଷ ପୁରୁଷ ବିଶ୍ୱ ଟେନିସ୍ ପ୍ରତିଯୋଗିତା ଏଟିପି ଫାଇନାଲ୍ସରେ ୯ ଗ୍ରାଣ୍ଡସ୍ଲାମ୍ ବିଜେତା କାର୍ଲୋସ ଆଲ୍‌କାରାଜ ବିଜେତା ହୋଇଛନ୍ତି। ସୋମବାର ଫାଇନାଲ୍‌ରେ ଏହି ୨୩ ବର୍ଷୀୟ ସ୍ପେନ୍ ଖେଳାଳି ୬-୨, ୯-୭ ସେଟ୍‌ରେ ବିଶ୍ୱର ଏକ ନମ୍ବର ଜର୍ମାନୀ ତାରକା ଆଲେକ୍‌ଜାଣ୍ଡର ଭେରେଭଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ସେ ସମସ୍ତ ୪ ଗ୍ରାଣ୍ଡ ସ୍ଲାମ୍ (ଥରେ ଅଷ୍ଟ୍ରେଲିଆନ୍ ଓପନ୍, ୨ ଥର ଲେଖାଏଁ ଫ୍ରେଞ୍ଚ ଓପନ୍, ୱିମ୍ବଲଡନ୍, ୟୁଏସ୍ ଓପନ୍) ଓ ଏଟିପି ଫାଇନାଲ୍ସ ଟ୍ରଫି ଜିତିବାରେ ବିଶ୍ୱର ଚତୁର୍ଥ ଖେଳାଳି ହୋଇଛନ୍ତି।



ପୂର୍ବରୁ ଏହି ସଫଳତା ସ୍ୱିଜରଲାଣ୍ଡ କିଂବଦନ୍ତି ରୋଜର ଫେଡେରର, ଆମେରିକାର ଆନ୍ଦ୍ରେ ଆଗାସି ଓ ସର୍ବିୟାର ନୋଭକ ଜୋକୋଭିଚଙ୍କ କ୍ଲବ୍‌ରେ ସମକକ୍ଷ ହୋଇଛନ୍ତି। ଏଥିସହ ଆଲ୍‌କାରାଜ ମଧ୍ୟ ଏଟିପି ଫାଇନାଲ୍ସ ମୁକୁଟ କରାୟତ୍ତ କରିବାରେ ଆଲେକ୍ସ କୋରେଡ୍‌ଜା (୧୯୯୮)ଙ୍କ ପରେ ପ୍ରଥମ ସ୍ପେନ୍ ଖେଳାଳି ହୋଇଛନ୍ତି।

ଟିମ୍ ମ୍ୟାନେଜମେଣ୍ଟ ଉପରେ ପ୍ରଶ୍ନ ଉଠାଇଲେ ସୌରଭ ଗାଙ୍ଗୁଲି

ନୂଆଦିଲ୍ଲୀ

ୱେଲିଂଟନରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ଡ୍ରା'ରେ ଶେଷ ହୋଇଛି। ପଞ୍ଚମ ଦିନରେ ଟିମ୍ ଇଣ୍ଡିଆ ଜିତିଯିବ ବୋଲି ଲାଗୁଥିଲା, କିନ୍ତୁ ନ୍ୟୁଜିଲାଣ୍ଡର ବ୍ୟାଟ୍ସମ୍ୟାନମାନେ ଚମତ୍କାର ବ୍ୟାଟିଂ କରି ମ୍ୟାଚ୍ ବଞ୍ଚାଇ ଦେଇଥିଲେ। ଏହି ମ୍ୟାଚରେ ଟିମ୍ ଇଣ୍ଡିଆର ପ୍ଲେଇଂ-୧୧ ମଧ୍ୟ ଅଧିକ ଚର୍ଚ୍ଚାରେ ରହିଥିଲା। କାରଣ ମହମ୍ମଦ ସିରାଜଙ୍କୁ ପ୍ଲେଇଂ ୧୧ରୁ ବାଦ୍ ଦିଆଯାଇଥିଲା। ଏହି କଥାକୁ ନେଇ ଅନେକ ଭେଟେରାନ କ୍ରିକେଟର ମାନେ ଅସନ୍ତୁଷ୍ଟ ଥିବା ନଜର ଆସିଥିଲେ। ବର୍ତ୍ତମାନ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ ମ୍ୟାଚ୍‌କୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ମ୍ୟାନେଜମେଣ୍ଟକୁ ପ୍ରଶ୍ନ କରିଛନ୍ତି ଯେ ସ୍ପିନର କୁଲଦୀପ ଯାଦବ କେଉଁଠାରେ ଥିଲେ। ଗାଙ୍ଗୁଲି କହିଛନ୍ତି ଯେ ମୁଖ୍ୟ ସ୍ପିନର ଭାବରେ ତାଙ୍କୁ କାହିଁକି ସ୍ଥାନ ଦିଆଗଲା ନାହିଁ।



ସୂଚନାଯୋଗ୍ୟ ଯେ ଟିମ୍ ଇଣ୍ଡିଆ ମ୍ୟାନେଜମେଣ୍ଟ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଚାରି ଜଣ ଦ୍ରୁତ ବୋଲରଙ୍କୁ ଖେଳାଇଥିଲା। ଅଭିଜ୍ଞ ମହମ୍ମଦ ସିରାଜଙ୍କୁ ବାହାରେ ରଖାଯାଇଥିଲା। ଏହା ବ୍ୟତୀତ ୱାଶିଂଟନ ସୁନ୍ଦରଙ୍କୁ ସୁଯୋଗ ଦିଆଯାଇଥିଲା। ରବୀନ୍ଦ୍ର ଜାଡ଼େଜା ମଧ୍ୟ ବେଞ୍ଚରେ ବସିଥିଲେ। ଏହା ସହିତ କୁଲଦୀପ ଯାଦବଙ୍କୁ ମଧ୍ୟ ଏକ ସପ୍ତାହ ପୂର୍ବରୁ ଟେଷ୍ଟ ଦଳରୁ ରିଲିଜ୍ କରିଦିଆଯାଇଥିଲା। ତାଙ୍କ ସ୍ଥାନରେ ଗୁରନୁର ବରାରଙ୍କୁ ସ୍କ୍ୱାଡ୍‌ରେ ସାମିଲ କରାଯାଇଥିଲା।

ବର୍ତ୍ତମାନ ପ୍ରଥମ ଟେଷ୍ଟ ଡ୍ରା' ହେବା ପରେ ସୌରଭ ଗାଙ୍ଗୁଲି ସୋସିଆଲ ମିଡିଆରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଭାରତୀୟ ବ୍ୟାଟ୍ସମ୍ୟାନମାନଙ୍କୁ ପ୍ରଶଂସା କରିଛନ୍ତି। ଏହା ସହିତ ପୂର୍ବତନ ଅଧିନାୟକ ସୌରଭ ଚିନ୍ତା ମଧ୍ୟ ବ୍ୟକ୍ତ କରିଛନ୍ତି। ଗାଙ୍ଗୁଲି ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭାରତକୁ ୱେଲିଂଟନ ଭଳି ପିଚ୍‌ରେ ଟେଷ୍ଟ ଜିତିବା ପାଇଁ ଜଣେ ସ୍ପେଶାଲିଷ୍ଟ ସ୍ପିନରଙ୍କ ଆବଶ୍ୟକତା ରହିଥିଲା।

ଗାଙ୍ଗୁଲି କହିଛନ୍ତି, "ମ୍ୟାନେଜମେଣ୍ଟକୁ ଏହା ବୁଝିବାକୁ ହେବ ଯେ ସମୟ ସହିତ ସପାଟ ହେଉଥିବା ପିଚ୍‌ଗୁଡ଼ିକରେ ଟେଷ୍ଟ ମ୍ୟାଚ୍ ଜିତିବା ପାଇଁ ଜଣେ ସ୍ପିନରଙ୍କ ଆବଶ୍ୟକତା ରହିଛି। ଟେଷ୍ଟ କ୍ରିକେଟ୍‌ରେ ଆପଣଙ୍କୁ ଯେକୌଣସି ପରିସ୍ଥିତିରେ ଜଣେ ସ୍ପିନରଙ୍କୁ ଖେଳାଇବାକୁ ହିଁ ପଡ଼ିବ। ୱାଶିଂଟନ ସୁନ୍ଦର ଜଣେ ଅଲରାଉଣ୍ଡର ଭାବରେ ଖେଳିପାରିବେ। ମୁଁ ବିସିସିଆଇକୁ ପଚାରୁଛି ଯେ କୁଲଦୀପ ଯାଦବ କିମ୍ବା ମାନବ ସୁଥାର କେଉଁଠାରେ ଅଛନ୍ତି?" ପ୍ରକୃତରେ ୱେଲିଂଟନ ଟେଷ୍ଟରେ ଜଣେ ମୁଖ୍ୟ ସ୍ପିନରଙ୍କ ଆବଶ୍ୟକତା ଥିଲା। ସୁନ୍ଦର କେବଳ ଗୋଟିଏ ୱିକେଟ୍ ନେବାରେ ସଫଳ ହୋଇଥିଲେ। ଦ୍ରୁତ ବୋଲରମାନଙ୍କୁ ପିଚ୍‌ରୁ ଆଦୌ ସହାୟତା ମିଳିନଥିଲା। ଏଭଳି ପରିସ୍ଥିତିରେ କୁଲଦୀପ ଚମତ୍କାର ପ୍ରଦର୍ଶନ କରିପାରିଥାନ୍ତେ।

ୱେଲିଂଟନରେ ଟେଷ୍ଟ ବିଷୟରେ କହିବାକୁ ଗଲେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୬୮ ରନ୍ କରିଥିଲା। ଅନ୍ୟପଟେ ଟିମ୍ ଇଣ୍ଡିଆ ୭୨୦ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଋଷଭ ପନ୍ତ ଏବଂ କେଏଲ୍ ରାହୁଲ ଚମତ୍କାର ଶତକ ହାସଲ କରିଥିଲେ। ଭାରତୀୟ ଦଳ ଏକ ବଡ଼ ଲିଡ୍ ନେଇ କିୱି ଦଳକୁ ଚାପରେ ପକାଇ ଦେଇଥିଲା। ପଞ୍ଚମ ଦିନରେ ଭାରତକୁ ଇନିଂସ ବ୍ୟବଧାନରେ ଜିତିବା ପାଇଁ ନ୍ୟୁଜିଲାଣ୍ଡର ଆଠ ଜଣ ଖେଳାଳିଙ୍କୁ ପାଭିଲିୟନ ଫେରାଇବାର ଥିଲା। କିନ୍ତୁ ଭାରତୀୟ ବୋଲରମାନେ ମାତ୍ର ତିନିଟି ୱିକେଟ୍ ନେଇପାରିଥିଲେ। ଡାରିଲ ମିଚେଲ ଏବଂ ଗ୍ଲେନ ଫିଲିପ୍ସ ଆଉଟ୍ ହୋଇନଥିଲେ। ଉଭୟ ଅପରାଜିତ ରହିଥିଲେ। ଦୁହେଁ ୨୫୦ରୁ ଅଧିକ ବଲ୍‌ର ସାମ୍ନା କରିଥିଲେ। ଭାରତୀୟ ଦ୍ରୁତ ବୋଲରମାନେ ୱିକେଟ୍ ନେବାକୁ ଅସହାୟ ନଜର ଆସିଥିଲେ। ଏହି କାରଣରୁ ଶେଷରେ ଉଭୟ ଦଳର ଖେଳାଳିମାନେ ମ୍ୟାଚ୍ ଡ୍ରା' କରିବାକୁ ସହମତି ପ୍ରକାଶ କରିଥିଲେ।

ଆଜି ଚୀନ୍‌କୁ ଭେଟିବ ଭାରତୀୟ ମହିଳା ହକିଦଳ

ନୂଆଦିଲ୍ଲୀ

ଚଳିତ ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିର ନବମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ କ୍ରମାନ୍ୱୟରେ ତୃତୀୟ ବିଜୟ ସହ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଦଳ ଏକତରଫା ୭–୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିଲା। ଅଭିଜ୍ଞ ଖେଳାଳି ଦୀପିକା ହ୍ୟାଟ୍ରିକ୍ ଗୋଲ୍ କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତ ୩ଟି ମ୍ୟାଚ୍ ଖେଳି ମୋଟ ୯ପଏଣ୍ଟ ସହ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ଜାପାନ ସମାନ ସଂଖ୍ୟକ ପଏଣ୍ଟ ପାଇଥିଲେ ହେଁ ଗୋଲ୍ ବ୍ୟବଧାନରେ ଭାରତଠୁ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଚୀନ ଓ ମାଲେସିଆ ସମାନ ୪ପଏଣ୍ଟ ସହ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

ଭାରତୀୟ ଦଳ ମଙ୍ଗଳବାର ଚୀନ୍‌କୁ ଭେଟିବ। ଭାରତ-ଥାଇଲାଣ୍ଡ ମ୍ୟାଚ୍ ଏକତରଫା ହୋଇଥିଲା। ଆୟୋଜକ ଦଳ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳି ଗୋଲ୍ ବର୍ଷା କରିଥିଲା। ପ୍ରଥମ କ୍ୱାର୍ଟର ଆରମ୍ଭରୁ ଭାରତ ଘନଘନ ଆକ୍ରମଣ କରିଥିଲା। ପ୍ରଥମ ଓ ଚତୁର୍ଥ ମିନିଟ୍‌ରେ ଦଳକୁ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଏହା ବିଫଳ ଯାଇଥିଲା। ଚତୁର୍ଥ ମିନିଟ୍‌ରେ ଖାତା ଖୋଲିଥିଲା ଭାରତ। ଦଳକୁ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌କୁ ନବନୀତ କୌର ଗୋଲରେ ରୂପାନ୍ତରିତ କରିଥିଲେ। ଏହାର ୫ମିନିଟ୍ ମଧ୍ୟରେ ଦୀପିକା (ଦଶମ ଓ ୧୧ତମ ମିନିଟ୍) ଆଉ ୨ଟି ଗୋଲ୍ କରି ଭାରତକୁ ୩–୦ରେ ଅଗ୍ରଣୀ ପ୍ରଦାନ କରିଥିଲେ।



ସେ ପେନାଲ୍ଟି କର୍ଣ୍ଣରରେ ୨ଟି ଯାକ ଗୋଲ୍ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମୁମତାଜ୍ ଖାନ୍ (୨୮ତମ ମିନିଟ୍) ଓ ତୃତୀୟ କ୍ୱାର୍ଟରରେ ଓଡ଼ିଆ ଝିଅ ସୁନେଲିତା ଟପ୍ପୋ (୩୨ ମିନିଟ୍ ପେନାଲ୍ଟି କର୍ଣ୍ଣର) ଗୋଲ୍ କରି ଭାରତକୁ ୫–୦ରେ ଆଗୁଆ କରାଇଥିଲେ। ଥାଇଲାଣ୍ଡ ୩ଟି ଯାକ କ୍ୱାର୍ଟରରେ ଗୋଲ୍ ଖାତା ଖୋଲିପାରିନଥିଲା। ଅନ୍ତିମ କ୍ୱାର୍ଟରରେ ନବନୀତ କୌର (୫୬ତମ ମିନିଟ୍, ପେନାଲ୍ଟି ଷ୍ଟ୍ରୋକ୍) ନିଜର ଦ୍ୱିତୀୟ ଗୋଲ୍ କରିଥିବାବେଳେ ଦୀପିକା ୫୬ତମ ମିନିଟ୍ (ପେନାଲ୍ଟି କର୍ଣ୍ଣର)ରେ ହ୍ୟାଟ୍ରିକ୍ ପୂରଣ କରିଥିଲେ। ଭାରତ ୭–୦ରେ ଆଗେଇ ଥିଲା। ଥାଇଲାଣ୍ଡ ଶତଚେଷ୍ଟା ସତ୍ତ୍ୱେ ଗୋଲ୍ ପରିଶୋଧ କରିପାରି ନଥିଲା। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମାଲେସିଆ ୩–୧ ଗୋଲ୍‌ରେ କୋରିଆକୁ ହରାଇ ଥିବାବେଳେ ଜାପାନ ୩–୧ ଗୋଲ୍‌ରେ ଚୀନକୁ ପରାଜିତ କରିଥିଲା।

ମହିଳା ହକି ଏସିଆନ ଚାମ୍ପିଅନସିପରେ ଭାରତ ମାଲେସିଆ ପରେ ଦକ୍ଷିଣ କୋରିଆକୁ ମାତ୍ ଦେଇଥିଲା। ବ୍ୟାକ୍ ଟୁ ବ୍ୟାକ୍ ତୃତୀୟ ବିଜୟ ସହ ଭାରତ ସେମି ଫାଇନାଲରେ। ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫି ହକିର ନବମ ସଂସ୍କରଣରେ ଭାରତ କ୍ରମାନ୍ୱୟରେ ତୃତୀୟ ବିଜୟ ହାସଲ କରିଛି।

ସିରାଜଙ୍କୁ ନେଇ ମୁହଁ ଖୋଲିଲେ ଶୁଭମନ ଗିଲ୍

ନୂଆଦିଲ୍ଲୀ

ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ଡ୍ରା ହୋଇଛି। ୱେଲିଂଟନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ଅଲଆଉଟ୍ କରିପାରିଲେନି ଟିମ୍ ଇଣ୍ଡିଆ ବୋଲର। ଫଳରେ ମ୍ୟାଚ୍‌ର ଫଳାଫଳ ଡ୍ର ହୋଇଛି। ପ୍ରଥମ ଟେଷ୍ଟ ଡ୍ର ହେବା ପରେ ଟିମ୍ ଇଣ୍ଡିଆ ଉପରେ ପ୍ରଶ୍ନ ଉଠିଛି। ପ୍ରଥମ ଟେଷ୍ଟରୁ ସିରାଜଙ୍କୁ ବାଦ୍ ଦିଆଯିବାକୁ ନେଇ ଅନେକ ପ୍ରଶ୍ନ କରିଥିଲେ। ପୂର୍ବତନ କ୍ରିକେଟରଙ୍କଠାରୁ ନେଇ କି ପ୍ରଶଂସକ ଅସନ୍ତୋଷ ପ୍ରକାଶ କରିଥିଲେ। ସିରାଜଙ୍କୁ କାହିଁକି ବେଞ୍ଚରେ ବସାଗଲା ? ପ୍ରଥମ ଟେଷ୍ଟ ଡ୍ର ପରେ ମୁହଁ ଖୋଲିଛନ୍ତି କ୍ୟାପ୍ଟେନ୍ ଶୁଭମନ ଗିଲ୍।

ମ୍ୟାଚ୍ ପରେ କ୍ୟାପ୍ଟେନଙ୍କୁ ସିରାଜଙ୍କୁ ଡ୍ରପ୍ କରିବା ନେଇ ପ୍ରଶ୍ନ କରାଯାଇଥିଲା। ଉତ୍ତର ଶୁଭମନ ଗିଲ କହିଛନ୍ତି, 'ମହମ୍ମଦ ସିରାଜ ପ୍ରକୃତରେ ଜଣେ ଭଲ ବନ୍ଧୁ ଏବଂ ତାଙ୍କୁ ବାଦ ଦେବା ଏକ କଷ୍ଟକର ନିଷ୍ପତ୍ତି ଥିଲା। ଟେଷ୍ଟ ପୂର୍ବରୁ ମୁଁ ତାଙ୍କ ସହିତ କଥା ହୋଇଥିଲି ତାଙ୍କୁ ବୁଝାଇଥିଲି, ଏବଂ ସେ ଏହା ବୁଝିପାରିଥିଲେ। ପ୍ରତ୍ୟେକ ଖେଳାଳି ଏକ ପର୍ଯ୍ୟାୟ ଦେଇ ଗତି କରନ୍ତି। ଯେଉଁଠାରେ ସେମାନେ ସେମାନଙ୍କର ଶୀର୍ଷରେ ଅର୍ଥାତ ଟପ୍ ଫର୍ମରେ ନଥାନ୍ତି। ଆମେ ବର୍ତ୍ତମାନର ଫର୍ମକୁ ବାଛିଛୁ। ସିରାଜଙ୍କୁ ବାଦ୍ ଦିଆଯିବା ପ୍ରକୃତ କା

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ନଭେମ୍ବର, ୨୦୨୬ ମଙ୍ଗଳବାର



ସାତ ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଓ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ସାତ ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି । ଅଗଷ୍ଟରୁ ଅକ୍ଟୋବର ୨୦୨୬ ମଧ୍ୟରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ କର୍ତ୍ତୃପକ୍ଷ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିପାରିଥିଲେ । ଏହାଦ୍ୱାରା ଟ୍ରେନ୍ ଚଳାଚଳ ଓ ରେଳ ସମ୍ପତ୍ତିର ନିରାପତ୍ତା ସୁନିଶ୍ଚିତ ହେବା ସହ ଜଣେ ସହକର୍ମୀ ରେଳ କର୍ମଚାରୀଙ୍କ ଜୀବନ ମଧ୍ୟ ରକ୍ଷା କରାଯାଇପାରିଥିଲା । ସମ୍ବର୍ଦ୍ଧିତ ରେଳ କର୍ମଚାରୀମାନେ ହେଲେ: ଆକାଶ ରାଠୋର, ଟ୍ରାକ୍ ମେଣ୍ଟେନର-୪, ରାକେଶ କୁମାର, ଷ୍ଟେସନ୍ ମାଷ୍ଟର, ଟାଙ୍ଗିରିପାଳ, ପ୍ରସନ୍ନ ରଞ୍ଜନ ସେଠୀ, ଆସିଷ୍ଟାଣ୍ଟ /ଖୋର୍ଦ୍ଧା ରୋଡ୍, ଏୟାର ମାର୍ଶାଲ ସମୟ ମୁର୍ମୁ, ଟ୍ରାକ୍ ମେଣ୍ଟେନର-୧/ନୀଳକଣ୍ଠେଶ୍ୱର ଏବଂ ଗ୍ରୁପ୍ ପୁରସ୍କାର ପାଇଥିବା କର୍ମଚାରୀମାନେ ହେଲେ: ଶ୍ରୀନିବାସ ସ୍ୱାଇଁ, ଲୋକୋ ପାଇଲଟ୍ (ମେଲ୍/ଏକ୍ସପ୍ରେସ୍)/ପୁରୀ, ସୁନୀଲ କୁମାର, ଲୋକୋ ପାଇଲଟ୍ (ଗୁଡ୍ସ)/ଯଖପୁରା, ଇମ୍ରାନ ଅହମ୍ମଦ, ସିନିୟର ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍/ଯଖପୁରା । କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ସତର୍କତା, କର୍ତ୍ତବ୍ୟନିଷ୍ଠା ଓ ନିଷ୍ଠାପର କାର୍ଯ୍ୟ ପ୍ରତି ଉଚ୍ଚ ପ୍ରଶଂସା କରିଥିଲେ। ଟ୍ରେନ୍ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରିବାରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ କର୍ମଚାରୀଙ୍କୁ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ସର୍ବୋଚ୍ଚ ସତର୍କତା, ଆନ୍ତରିକତା ଓ ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କ୍ଷତିଗ୍ରସ୍ତଙ୍କୁ ମିଳିବ...

ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି । ଗଞ୍ଜାମ ଜିଲ୍ଲାରେ ଅର୍ଣ୍ଣବ ସମୟରେ ୨.୧୧ ଲକ୍ଷ ଏବଂ ଅକଓ୍ୱାନ ସମୟରେ ୧.୫୪ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଗଞ୍ଜାମ ଜିଲ୍ଲାର ସ୍ଥିତିକୁ ଗମ୍ଭୀରତାର ସହ ନେଇଛନ୍ତି । ପ୍ରଭାବିତ ପରିବାର ଗୁଡିକୁ ୫୦ କିଲୋଗ୍ରାମ ଚାଉଳ ସହିତ ୨୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି । ଜିଲ୍ଲାରେ ପ୍ରାୟ ୮୦ ପ୍ରତିଶତ ପରିବାରକୁ ଚାଉଳ ଏବଂ ୬୦ ପ୍ରତିଶତ ପରିବାରଙ୍କୁ ସହାୟତା ରାଶି ବଣ୍ଟନ କରାଯାଇ ସାରିଲାଣି ।

ଏଥିସହିତ ୨୫୦୦ ପରିବାରଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇସାରିଛି ଏବଂ ଏହି ପ୍ରକ୍ରିୟା ଜାରି ରହିଛି । ଏହା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ଇନପୁଟ ସବସିଡି ପ୍ରଦାନ କରାଯାଉଛି । ସରକାରଙ୍କ ଏସଡିଆରଏଫ୍ ନର୍ମରେ ପରିବର୍ତ୍ତନ କରାଯାଇ ବର୍ଦ୍ଧିତ ହାରରେ ସହାୟତା ପ୍ରଦାନ କରାଯାଉଛି ବୋଲି ସେ କହିଥିଲେ ।

ଯେଉଁ ମାନଙ୍କର ରାସନ କାର୍ଡ ନାହିଁ, ସେମାନଙ୍କୁ ତୁରନ୍ତ ବ୍ଲକ ଅଫିସ ସହ ଯୋଗାଯୋଗ କରି ରାସନ କାର୍ଡ ପାଇଁ ଆବେଦନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ଯେପରି ଜଣେ ବି କେହି କ୍ଷତିଗ୍ରସ୍ତ ଲୋକ ସହାୟତା ପାଇବାରୁ ବଞ୍ଚିତ ନହେବେ, ସେଥିପାଇଁ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ମଧ୍ୟ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପନିପରିବା ଚାଷୀ, ଛୋଟ ବ୍ୟବସାୟୀ, ଉଠା ଦୋକାନୀ, ସମସ୍ତଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ଜିଲ୍ଲାର ଦୁଇଜଣ ମନ୍ତ୍ରୀ, ସାଂସଦ, ବିଧାୟକ ତଥା ଜିଲ୍ଲା ପ୍ରଶାସନର ସମ୍ମିଳିତ ଉଦ୍ୟମରେ ଗଞ୍ଜାମ ଜିଲ୍ଲାରେ ବାତ୍ୟା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ପରିଚାଳନା ସମୟରେ ଏକ ଟିମ୍ ଭଳି- ଟିମ୍ ଗଞ୍ଜାମ ଓ ଟିମ୍ ଓଡିଶା- କାମ କରିଥିବାରୁ ସଫଳତା ମିଳିଛି ବୋଲି ପ୍ରକାଶ କରି ଏଥିପାଇଁ ମୁଖ୍ୟମନ୍ତ୍ରୀ ସନ୍ତୋଷବ୍ୟକ୍ତ କରିଥିଲେ ।

ଆଜି ରାଷ୍ଟ୍ରପତିଙ୍କ ...

ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯିବ । ପଡ଼ିଆ ଓ ଏହାର ଆଖପାଖ ଅଞ୍ଚଳ ଉପରେ ନଜର ରଖିବାକୁ ୩୮ଟି ୱାଚ୍ ଟାୱାର ନିର୍ମାଣ ଯୋଜନା ରହିଛି । ଏଥିସହ ପ୍ରାୟ ୧୨୦୦ଟି ସିସିଟିଭି କ୍ୟାମେରା ଓ ୧୦୦ଟି ଏଆଇ ଆଧାରିତ ସର୍ଭେଲାନ୍ସ କ୍ୟାମେରା ଜରିଆରେ ପଡ଼ିଆ ଉପରେ ନଜର ରଖାଯିବ । ସୁରକ୍ଷା ଦୃଷ୍ଟିରୁ ନଭେମ୍ବର ୨୨ରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ପଡ଼ିଆର ୫ କିଲୋମିଟର ପରିଧିକୁ ନୋ-ଡ୍ରୋନ୍ ଜୋନ୍ ଘୋଷଣା କରାଯାଇଛି । ଏଥିସହ ଭିଡ଼ ନିୟନ୍ତ୍ରଣ, ଯାନବାହନ ଚଳାଚଳ ଓ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ରାଷ୍ଟ୍ରପତିଙ୍କ ଗସ୍ତ ମାର୍ଗରେ ବ୍ୟାରିକେଡ୍ ଲଗାଯାଇ ଯାତାୟାତକୁ ସୁଗମ କରିବା ପାଇଁ ପ୍ରସ୍ତୁତି ହୋଇଛି । ଚଳିତବର୍ଷ ରାଷ୍ଟ୍ରପତିଙ୍କ କରକମଳରେ ଏହି ଐତିହାସିକ ମହୋତ୍ସବର ଶୁଭାରମ୍ଭ କଟକର ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଯୋଡ଼ିବା ସହ ଦେଶବିଦେଶରେ ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ଆହୁରି ପରିଚିତ କରାଇବ ବୋଲି ଆଶା କରାଯାଉଛି ।

ସମୟ ଆସିଲେ...

ବିରୋଧୀ ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି । ୨୦୨୨-୨୩ ଏବଂ ୨୦୨୩-୨୪ ମସିହାରେ ନବୀନ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଭି.କେ ପାଣ୍ଡିଆନ ଓ ଆଇପିଏସ୍ ଅଧିକାରୀ ରବିକାନ୍ତଙ୍କ ବିଦେଶ ଗସ୍ତର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ପ୍ରମୁଖ ସଚିବ ଏହି ଘଟଣାର ତଦନ୍ତ କରିବେ ।

ସମସ୍ତ ଯୋଗ୍ୟ...

ସୁରକ୍ଷା ପାଇଁ ଭତ୍ତା ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ଏବଂ ଏ ଦିଗରେ ସମ୍ପୂର୍ଣ୍ଣ ପ୍ରୟାସରତ । ତେବେ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ଅପଡେଟ୍ ହୋଇନଥିବା ଏବଂ ଅନ୍ୟ କେତେକ ବୈଷୟିକ ସମସ୍ୟା ଯୋଗୁ ଏନ୍‌ଏସ୍‌ଏପି ଯୋଜନାରେ ଭତ୍ତା ପାଇବାରେ କିଛିଟା ବିଳମ୍ବ ହୋଇଛି । ତେବେ ଏହି ସମସ୍ୟା ଖୁବ୍ ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯାଇଛି । ମନ୍ତ୍ରୀ କହିଥିଲେ ବିଗତ ସରକାରଙ୍କ ସମୟରେ ହିତାଧିକାରୀଙ୍କୁ ଠିକ୍ ଭାବରେ ଭତ୍ତା ମିଳୁନଥିବା ବେଳେ ବର୍ତ୍ତମାନର ସରକାରଙ୍କ ନିଷ୍ପତ୍ତି ଅନୁସାରେ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କୁ ଏବଂ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଉଛି । ବର୍ତ୍ତମାନର ସରକାର ରାଜ୍ୟରେ ୫ଲକ୍ଷ ୫ ହଜାର ୮୧୭ଜଣଙ୍କୁ ନୂଆ କରି ଭତ୍ତା ବଣ୍ଟନ କରିଛନ୍ତି ଏବଂ ସମସ୍ତ ଯୋଗ୍ୟ ହତିଧିକାରୀଙ୍କୁ ଏହି ଭତ୍ତା ସହାୟତା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ । ମୂଲତବୀ ପ୍ରସ୍ତାବ ଆଲୋଚନାରେ ବିରୋଧୀ ଦଳରୁ ବିଧାୟକ ସର୍ବଶ୍ରୀ ଧ୍ରୁବ ଚରଣ ସାହୁ, ବ୍ୟୋମକେଶ ରାୟ, ଶାରଦା ପ୍ରସନ୍ନ ଜେନା, ରାମଚନ୍ଦ୍ର କାଡ଼ାମ ଓ ଅଶୋକ ଦାସ ଭାଗ ନେଇଥିବା ବେଳେ ଶାସକ ଦଳରୁ ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ଅମର ନାୟକ ଓ ଜଲେନ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ତେବେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଉଭୟ ବିଜେଡ଼ି ଏବଂ କଂଗ୍ରେସ ଦଳର ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ ।

୧୩ ପୋଲିସ୍ ...

ନାହକ, ଅନୁଗୁଳ ଜିଲ୍ଲା ଥାକୁରଗଡ ଥାନାର ଏଏସ୍‌ଆଇ ବ୍ରହ୍ମାନନ୍ଦ ସାହୁ, କେନ୍ଦ୍ରାପଡା ସଦର ଥାନା ଏଏସ୍‌ଆଇ ପ୍ରତାପ ଚନ୍ଦ୍ର ମହାନ୍ତି, ନୂଆପଡା ଥାନା ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବିଶ୍ୱାଳ, ରାଇରଙ୍ଗପୁର ଥାନା ଏଏସ୍‌ଆଇ ଆନନ୍ଦ ମାଝୀ, କନ୍ଧମାଳ ଏସ୍‌ଆଇ ସ୍ମୃତି ସାଗର ସାମଲ, କଟକ ୟୁପିଡି ଏଏସ୍‌ଆଇ ସୁବାଷ ଦେହୁରୀ, ଭୁବନେଶ୍ୱର ୟୁପିଡି ଏଏସ୍‌ଆଇ ରଞ୍ଜିତ କୁମାର ଦାସ, ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁର ଇନ୍ସପେକ୍ଟର ରୋସନ କୁମାର ଆଚାର୍ଯ୍ୟ, କେନ୍ଦୁଝର ବାମ୍ନେରୀ ଥାନା ଏସ୍‌ଆଇ ଫନି ଭୂଷଣ ମହନ୍ତ ଏବଂ ଏସ୍‌ଆଇ ରସାନନ୍ଦ ନାୟକ ଏବଂ ଇନ୍ସପେକ୍ଟର ଆଇଆଇସି ପାଟପୁର ରମେଶ କୁମାର ପ୍ରଧାନଙ୍କ ନାମରେ ଯୌନ କେଳେଙ୍କାରୀ ଅଭିଯୋଗ କରାଯାଇଛି ଏବଂ ଆଇନ୍ ଅନୁସାରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ କରାଯାଇଛି ।

ମ୍ୟୁନିସିପାଲ୍ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ପ୍ରଶ୍ନ

ଅବୈଧ ନିର୍ମାଣ ନେଇ ସୁପ୍ରିମକୋର୍ଟଙ୍କ କଠୋର ମନୋଭାବ-ଦେଶବ୍ୟାପୀ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଅବୈଧ ନିର୍ମାଣ ଓ ବିଲ୍ଡିଂ ନିୟମ ଉଲ୍ଲଂଘନ ନେଇ ସୁପ୍ରିମକୋର୍ଟ ଗୁରୁତର ଚିନ୍ତା ପ୍ରକାଶ କରି ଦେଶବ୍ୟାପୀ ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ତାମିଲନାଡୁରୁ ଉପୁଜିଥିବା ଏକ ମାମଲା ସମ୍ବନ୍ଧୀୟ ଶୁଣାଣି ସମୟରେ (SLP(C) ୮୦୪୪-୪୫/୨୦୨୫) କୋର୍ଟଙ୍କ ଦୃଷ୍ଟିକୁ ଆସିଥିଲା ଯେ, ଚେନ୍ନାଇ ର ପ୍ରାଧିକୃତ ଅଧିକାରୀ କିମ୍ବା ସଂସ୍ଥାର ଅନୁମୋଦନ ବିନା ଏକ ଏ+୧ ମହଲା ଘର ନିର୍ମାଣ ହୋଇଥିବା ସତ୍ତ୍ୱେ, ମୁନିସିପାଲ୍ କର୍ପୋରେସନ୍ ଅନଧିକୃତ ନିର୍ମାଣ ସମୟରେ କୌଣସି ପଦକ୍ଷେପ ନେଇନଥିଲା। ବରଂ ନିର୍ମାଣ ପରେ ସେହି ନିର୍ମିତ କୋଠାକୁ ଭାଙ୍ଗି ଦେବା ପାଇଁ ଚେନ୍ନାଇର ମୁନିସପାଲ କର୍ପୋରେସନ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଏହାକୁ "ଚିନ୍ତାଜନକ ପରିସ୍ଥିତି" ବୋଲି ଅଭିହିତ କରି କହିଛନ୍ତି ଯେ, ଏପରି ଘଟଣା ଅଧିକାରୀମାନଙ୍କ ଅବହେଳା କିମ୍ବା ମିଳିଭଗତ ବିନା ସମ୍ଭବ ନୁହେଁ। ଏହା ମଧ୍ୟ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦୃଷ୍ଟିକୁ ଆସିଛି ଯେ, ତାମିଲନାଡୁ ସରକାରଙ୍କ ଅତିରିକ୍ତ ସାଶନ ସଚିବ, ଏ ପ୍ରକାରରର ଅନିୟମିତତା ପାଇଁ କ୍ୟୋଣସି ଅଧିକାରୀଙ୍କ ବିରୁଦ୍ଧରେ କ୍ୟୋଣସି କଠୋର କାର୍ଯ୍ୟାନୁଷ୍ଠାନ ନ କରିବା କୁ ନିର୍ଦ୍ଦେଶ ଦେଇଥିଲେ ବିଶେଷ କରି ସେତେବେଳେ, ଯେତେବେଳେ ତାମିଲନାଡୁର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବଳବତ୍ତର ଥିଲା ଯେ ଏବିଷୟଟି ଆଇନ ଅନୁଯାୟୀ ବିଚାର କରାଯାଉ ।

ଏହା ସହିତ, ସର୍ବୋଚ୍ଚ ନ୍ୟାୟାଳୟ, ତାମିଲନାଡୁ ରାଜ୍ୟ ସରକାରକୁ ଏହି ଘଟଣାରେ ଦାୟୀ ଅଧିକାରୀମାନଙ୍କୁ ଚିହ୍ନଟ କରି ସ୍ୱଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମାମଲାର ବିଚାର ସମୟରେ ମାନ୍ୟବର ସୁପ୍ରିମକୋର୍ଟ ଆହୁର ଗଭୀରତମ ଦିଗକୁ ଆଙ୍ଗୁଳି ନିର୍ଦ୍ଦେଶ ଦେଇ ଉଲ୍ଲେଖ କରିଛନ୍ତି ଯେ, ଦେଶର ଅନେକ ସ୍ଥାନରେ "ବିଲ୍ଡିଂ ବାଇଲ" ଓ "ଲ୍ୟାଣ୍ଡ-ୟୁଜ" ନିୟମର ଖୋଲା ଖୋଲି ଉଲ୍ଲଂଘନ, ଦେଶ ତମାମ ହେଉଛି । ବିଶେଷକରି, "ବାସଗୃହଅଞ୍ଚଳ" ଗୁଡିକୁ "ବାଣିଜ୍ୟିକ" କାରବାରରେ ଉପଯୋଗ କରାଯାଉଥିବା ଘଟଣା ଆଇନବିରୋଧୀ ହେବା ସହିତ ସାଧାରଣ ଲୋକଙ୍କ ପାଇଁ ଏହା ଅସୁବିଧା ସୃଷ୍ଟି କରୁଛି । ସାଧାରଣ ନାଗରିକ ଟିଏ ଜୀବନର ସମସ୍ତ ସଞ୍ଚୟ ବିନିଯୋଗ କରି ନିଜ ପାଇଁ ଏକ ସୁସ୍ଥ ବାସଗୃହ ଓ ଚତୁର୍ପାଶ୍ୱରେ ଏକ ସୁସ୍ଥ ପରିବେଶ ଟିଏ ଆଶା କରିଥାଏ । କିନ୍ତୁ ଆଇନର ଉଲ୍ଲଘନ କରି ଯେଉଁ ସ୍ଥାନରେ ଯେଉଁ ଉଦ୍ୟେଶ ରେ କୋଠା ବା ଗୃହ ନିର୍ମାଣ ଅନୁମୋଦନ ଦିଆଯାଇଥାଏ ତାହା ଏହି ଅନୀତି ପରାୟଣ ବ୍ୟକ୍ତି ବିଶେଷଙ୍କ ଅନ୍ୟ ଉଦ୍ୟେଶ୍ୟରେ ବ୍ୟବହାର ଯୋଗୁ ଏହାର କୁ-ପ୍ରଭାବ ପଡୋଶୀ ନାଗରିକ ଓ ତାଙ୍କ ପରିବେଶ ଉପରେ ସୁଦୂର ଖରାପ ପ୍ରଭାବ ପକାଉଛି । ଏହି ପରିପ୍ରେକ୍ଷିରେ କୋର୍ଟ, ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜଧାନୀ ସହରର ମୁନିସିପାଲ୍ କର୍ପୋରେସନ୍ ଓ ମୁନିସିପାଲିଟି କମିଶନର ମାନଙ୍କୁ ମାମଲାରେ ନିଜଆଡୁ ପକ୍ଷଭୁକ୍ତ କରିଛନ୍ତି । ସେମାନଙ୍କୁ ନିଜ ନିଜ ଅଞ୍ଚଳରେ "ବାସଗୃହ" ଭୂମିର ଅନ୍ୟ ଉଦ୍ଦେଶ୍ୟରେ ଦୁରୁପଯୋଗ ହେଉଥିବା ର ସମସ୍ତ ଘଟଣାକୁ ଚିହ୍ନଟ କରି ଏହାର ଏକ ବିସ୍ତୃତ ରିପୋର୍ଟ କୋର୍ଟରେ ଦାଖଲ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ, ମାମଲାରେ କୋର୍ଟଙ୍କୁ ସହଜିଗ କରିବା ପାଇଁ ସୁପ୍ରିମକୋର୍ଟ ଜଣେ ବରିଷ୍ଠ ଆଇନଜୀବୀ ଅଜିତ କୁମାର ସିନ୍‌ହା ଙ୍କୁ 'ଅମିକସ କ୍ୟୁରି' ଭାବେ ନିଯୁକ୍ତ କରିଛନ୍ତି । ସମସ୍ତ ପକ୍ଷ, ଏହି ଅଧିବକ୍ତାଙ୍କ ସହ ସହଯୋଗ କରିବାକୁ କୁହାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଗତ ୧୦ ମଇ ୨୦୨୬ରେ ହୋଇଛି ଓ ଏହାର ଗୁରୁତ୍ୱ ଯୋଗୁ ସେହି କୋର୍ଟ ର ସେହି ଦିନ ର ପ୍ରଥମ ମାମଲା ଭାବେ ବଚାର କୁ ନଆସିବ ବୋଲି ନିର୍ଦ୍ଦେଶ ଥିଲା । ସୁପ୍ରିମ କୋର୍ଟଙ୍କ ଏ ପ୍ରକାରର ନିଷ୍ପତ୍ତି, ନିଶ୍ଚୟ ଆଇନକୁ ଠିକ ବାଟରେ ଯିବା ପାଇଁ, ରାସ୍ତା ଅବରୋଧ କରୁଥିବା ଅଧିକାରୀ ଓ ଆଇନ ଅମାନ୍ୟକାରୀ ନାଗରିକଙ୍କୁ ଏକ ଦୃଢ ସତର୍କ ଘଣ୍ଟି ସଦୃଶ ।

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଜେମ୍ସ ନବସୃଜନ କେନ୍ଦ୍ର ଆରମ୍ଭ

ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ଭିଏଏମ୍‌ଏଲ୍) ପକ୍ଷରୁ ଝାରସୁଗୁଡ଼ାରେ ଶିକ୍ଷା ଓ ବୈଷୟିକ ନବସୃଜନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକ ନୂତନ ପଦକ୍ଷେପ ନିଆଯାଇଛି । କମ୍ପାନୀ ପକ୍ଷରୁ କଟାପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଝାରସୁଗୁଡ଼ା ଉଦ୍ୟମିତା ଓ ମେକର୍ ସ୍ପେସ୍ (ଜେମ୍ସ) ନବସୃଜନ କେନ୍ଦ୍ର ଉଦ୍ଘାଟିତ ହୋଇଛି । ଏହି କେନ୍ଦ୍ର ମାଧ୍ୟମରେ ଅଞ୍ଚଳର ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ ପ୍ରାୟୋଗିକ ଶିକ୍ଷାର ସୁଯୋଗ ପାଇପାରିବେ । ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସହଯୋଗରେ ବିକଶିତ ଏହି କେନ୍ଦ୍ରରେ ଭାରତ ସରକାରଙ୍କ ସମର୍ଥିତ ଅଟଳ ଟିଙ୍କରିଂ ଲ୍ୟାବ୍ (ଏଟିଏଲ୍) ପ୍ରତିଷ୍ଠା କରାଯାଇଛି । ଏଠାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପରୀକ୍ଷାନିରୀକ୍ଷା, ନୂତନ ଡିଜାଇନ୍ ଓ ନମୁନା ପ୍ରସ୍ତୁତି ମାଧ୍ୟମରେ ଶିକ୍ଷା ଗ୍ରହଣ କରିପାରିବେ । ଏହା ସହିତ ବେଦାନ୍ତ ପକ୍ଷରୁ ଏହି ପରୀକ୍ଷାଗାରକୁ ଅତିରିକ୍ତ ଉପକରଣ ଓ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇ ଏକ ଅତ୍ୟାଧୁନିକ ଶିକ୍ଷା କେନ୍ଦ୍ରରେ ପରିଣତ କରାଯାଇଛି । ଏହି କେନ୍ଦ୍ରରେ ଇଲେକ୍ଟ୍ରୋନିକ୍ସ, ରୋବୋଟିକ୍ସ ଓ ଡିଜାଇନ୍ କ୍ଷେତ୍ରରେ ଉନ୍ନତ ଉପକରଣ ଉପଲବ୍ଧ ହେବ। ଏହାଦ୍ୱାରା ପିଲାମାନେ ଶ୍ରେଣୀଗୃହର ପାଠପଢ଼ା ବାହାରେ ନିଜସ୍ୱ ଚିନ୍ତାଧାରାକୁ ବାସ୍ତବ ରୂପ ଦେବା, ନୂତନ ନମୁନା ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକର ଉନ୍ନତି ଆଣିବାର ସୁଯୋଗ ପାଇବେ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଜିଜ୍ଞାସା, ସୃଜନଶୀଳ ଚିନ୍ତାଧାରା ଓ ସମସ୍ୟା ସମାଧାନ ଦକ୍ଷତା ବିକାଶରେ ସହାୟକ ହେବ। ଏଥିସହ ଛୋଟ ବୟସରୁ ଉଦ୍ୟମିତା ମନୋଭାବ ଗଢ଼ି ତୋଳିବା ସହ ସାମୂହିକ ଉଦ୍ୟମ ମାଧ୍ୟମରେ ବାସ୍ତବ ଜୀବନର ସମସ୍ୟାର ସମାଧାନ ଖୋଜିବାକୁ ପିଲାମାନଙ୍କୁ ଉତ୍ସାହିତ କରାଯିବ। ଏହି ଅବସରରେ ଭିଏଏମ୍‌ଏଲ୍ ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ସି. ଚନ୍ଦୁ କହିଛନ୍ତି, "ବିଶ୍ୱସ୍ତରୀୟ ଉତ୍ପାଦନ ଓ ନବସୃଜନ କ୍ଷେତ୍ରରେ ଭାରତର ଅଗ୍ରଣୀ ଯାତ୍ରା ଆଜିର ଯୁବପିଢ଼ିଙ୍କ ପାଇଁ ଆମେ ସୃଷ୍ଟି କରୁଥିବା ସୁଯୋଗ ଉପରେ ନିର୍ଭର କରିବ। ଜେମ୍ସ ପ୍ରକଳ୍

ସମ୍ବାଦ କଳିକା
ଶେଷ ପୃଷ୍ଠା
ଭୁବନେଶ୍ୱର, ୨୪ ନଭେମ୍ବର, ମଙ୍ଗଳବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

ଲକ୍ଷ୍ମୀନୃସିଂହ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ, ୨୩/୧୧ ନ୍ୟୁଜ ବ୍ୟୁରୋ

ସୋମବାର ପବିତ୍ର କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନୃସିଂହ ବେଶ ଦର୍ଶନ କରି ସାନିଧ୍ୟ ଲାଭ କରିଛନ୍ତି ଶ୍ରଦ୍ଧାଳୁ । କାର୍ତ୍ତିକ ମାସରେ ପବିତ୍ର ପଞ୍ଚୁକରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଓ ନୀତିକାନ୍ତି ଜାରି ରହିଛି । ଶ୍ରୀଜୀଉଙ୍କ ଲକ୍ଷ୍ମୀ ନୃସିଂହ ବେଶ ଦର୍ଶନ କରି ସାନିଧ୍ୟ ଲାଭ କରିଛନ୍ତି ଶ୍ରଦ୍ଧାଳୁ । କିମ୍ବଦନ୍ତୀ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଯେତେବେଳେ ରତ୍ନସିଂହାସନ ଉପରେ ପ୍ରଥମେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଇଥିଲେ ସେତେବେଳେ ମହାପ୍ରଭୁ ତାଙ୍କୁ ନୃସିଂହ ବେଶରେ ଦର୍ଶନ ଦେଇଥିଲେ ବୋଲି ସ୍କନ୍ଧ ପୁରାଣରେ ଉଲ୍ଲେଖ ରହିଛି । ତେଣୁ କାର୍ତ୍ତିକ ମାସର ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିବା ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ପାଟବସ୍ତ୍ରରେ ବିଭୂଷିତ କରି ଏହି ବେଶ କରିଥାନ୍ତି । ଏହି ବେଶରେ ମହାପ୍ରଭୁ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର ଏବଂ ଚକ୍ର ସହ



ରୌପ୍ୟର ଶଙ୍ଖ ଧାରଣ କରିଥାନ୍ତି । ପ୍ରଭୁ ବଳଭଦ୍ର ମଧ୍ୟ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର ଏବଂ ହଳମୂଷଳ ଧାରଣ କରିଥାନ୍ତି । ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପ୍ରଭୁ ବଳଭଦ୍ର ମସ୍ତକରେ ଯେଉଁ ଚୂଳ ଧାରଣ କରିଥାନ୍ତି ସେଥିରେ ସୁବର୍ଣ୍ଣର କିଆ ଗୁଡ଼ିକ ଆଡ଼ ବାଗିଆ ଲଗାଯାଇଥାଏ । ତେବେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବା ସୁନାବେଶ ଅନୁଷ୍ଠିତ ହେବାକୁ ଥିବାବେଳେ ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ହୋଇଛି । ମହାପ୍ରଭୁଙ୍କ ଏହି ଦୁର୍ଲଭ ସୁନାବେଶ ଦର୍ଶନ କରିବା ପାଇଁ ଭକ୍ତମାନେ ମଧ୍ୟ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ପବିତ୍ର ପଞ୍ଚୁକରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପ୍ରତିଦିନ ଏକ ଲକ୍ଷରୁ ଅଧିକ ଭକ୍ତ ଶ୍ରୀମନ୍ଦିର ଆସୁଛନ୍ତି । ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି । ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ବଡଦାଣ୍ଡର ମାର୍କେଟ ଛକ ନିକଟରେ ହୋଇଥିବା ଅସ୍ଥାୟୀ ବ୍ୟାରିକେଡ୍‌ରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଭିତର, ବାହାର, ବଡ଼ଦାଣ୍ଡ ଏବଂ ଟ୍ରାଫିକ ସୁପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ, ଅତିରିକ୍ତ ଏସ୍‌ପି, ଡିଏସ୍‌ପି, ଇନ୍ସପେକ୍ଟର, ଏଏସଆଇ ଓ ଏସଆଇଙ୍କ ସହ ୩ଶହରୁ ଊର୍ଦ୍ଧ୍ୱ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି । ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନରେ ଶତାଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ।

ବାବା ଧବଳେଶ୍ୱରଙ୍କ ହରିହର ବେଶ ସମ୍ପନ୍ନ

ଆଠଗଡ଼ ୨୩।୧୧ ନ୍ୟୁଜ ବ୍ୟୁରୋ



ମହାପ୍ରଭୁ ଧବଳେଶ୍ୱରଙ୍କ ପାଖରେ ଲାଗିହୋଇଛି ଗଜଭୋଗ । ହରି ହର ବେଶରେ ଦର୍ଶନ ଦେଇଛନ୍ତି ବାବା ଧବଳେଶ୍ୱର । ମହା କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ଏବଂ ଚତୁର୍ଦ୍ଦଶୀ ସନ୍ଧିକ୍ଷଣରେ ପାଳିଆ ସେବାୟତଙ୍କ ଦ୍ୱାରା ପ୍ରସ୍ତୁତ ଗଜଭୋଗ ଏବଂ ତରଣ ବାବାଙ୍କ ପାଖରେ ଲାଗି ହେବା ପରେ ଭକ୍ତ ଏବଂ ଶ୍ରଦ୍ଧାଳୁମାନଙ୍କୁ ବିତରଣ କରାଯାଇଛି । ଗଜଭୋଗ ପାଇଁ ସେବାୟତ ପରିବାର ପକ୍ଷରୁ ମାସେ ଧରି ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଜାତିଆ ଧାନର ଚାଉଳ ସଂଗ୍ରହ ଠାରୁ ଆରମ୍ଭ କରି ଗଜମଣ୍ଡାର ପୁର ପାଇଁ ଆବଶ୍ୟକ ମୁଗ, ଗୁଡ଼, ନଡ଼ିଆ, କର୍ପୁର ଆଦି ଶୁଦ୍ଧପୂତ ଭାବରେ ରଖାଯାଇଥାଏ । ଚୁନା କୁଟିବା ଠାରୁ ଆରମ୍ଭ କରି ଗଜଭୋଗ ଓ ତରଣ ଲାଗି ହେବା ପର୍ଯ୍ୟନ୍ତ ସେବାୟତ ପରିବାର ନିଷ୍ଠାର ସହିତ ସମସ୍ତ କାର୍ଯ୍ୟ କରିଥାନ୍ତି । ବାବା ଧବଳେଶ୍ୱରଙ୍କ ହରିହର ବେଶ ଦର୍ଶନ ପାଇଁ ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ବିପୁଳ ସମାଗମ ହୋଇଥିଲା ।



ଭୁବନେଶ୍ୱର : ନିଳାଦ୍ରୀବିହାର ଲେନ୍-୯ର ଏସ୍-୫/୯୫ରେ ରହୁଥିବା ବାଣୀ ରଞ୍ଜନ ଦାସ ଓ ମିନତୀ ମହାନ୍ତିଙ୍କ ବାସଭବନରେ ଫୁଟିଥିବା ବିରଳ ସୁଦୃଶ୍ୟ ବ୍ରହ୍ମକମଳ ଫୁଲ । (ଫଟୋ : ସମ୍ବାଦ କଳିକା)

ଓଡ଼ିଶାରେ ପ୍ରଥମ: କିମ୍‌ସରେ ଏକକାଳୀନ ଯକୃତ ଓ ବୃକ୍‌କ ସଫଳ ପ୍ରତିରୋପଣ

ଭୁବନେଶ୍ୱର, ୨୩ ।୧୧ ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମ୍‌ସ)ରେ ପ୍ରଥମଥର ପାଇଁ ଅଙ୍ଗଦାତାଙ୍କଠାରୁ ସଂଗୃହୀତ ଯକୃତ ଓ ବୃକ୍‌କର ଏକକାଳୀନ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ ହୋଇଛି । ଦୀର୍ଘ ୧୪ ଘଣ୍ଟା ଧରି ଚାଲିଥିବା ଏହି ଜଟିଳ ଅସ୍ତ୍ରୋପଚାର ଜରିଆରେ ଜନୈକ ୩୨ ବର୍ଷୀୟ ରୋଗୀଙ୍କୁ ନୂଆ ଜୀବନ ମିଳିଛି । ରୋଗୀ ଜଣକ ପ୍ରାୟ ୧୮ ମାସ ଧରି ବୃକ୍‌କ ଜନିତ ଗୁରୁତର ସମସ୍ୟାରେ ପୀଡ଼ିତ ଥିଲେ । ତାଙ୍କୁ ନିୟମିତ ଡାୟାଲିସିସ୍ କରିବାକୁ ପଡୁଥିଲା । ପରବର୍ତ୍ତୀ ସମୟରେ ହେପାଟାଇଟିସ୍-ବି ସଂକ୍ରମଣ ଯୋଗୁଁ ତାଙ୍କ ଯକୃତରେ ଗୁରୁତର ରୋଗ ସୃଷ୍ଟି ହୋଇଥିବା ଜଣାପଡ଼ିଥିଲା । ଏହାସହ ତାଙ୍କ ପେଟରେ ବାରମ୍ବାର ତରଳ ପଦାର୍ଥ ଜମା ହେଉଥିବାରୁ ତାହାକୁ ନିଷ୍କାସନ କରିବାକୁ ପଡୁଥିଲା । ଏଭଳି ସ୍ଥିତିରେ ତାଙ୍କର ଉଭୟ ଯକୃତ ଓ ବୃକ୍‌କ ପ୍ରତିରୋପଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିଲା । ଏହି ସମୟରେ ଜଣେ ମୃତ ଯୁବକଙ୍କ ପରିବାର ତାଙ୍କର ଅଙ୍ଗଦାନ ପାଇଁ



- ୩୨ ବର୍ଷୀୟ ରୋଗୀଙ୍କୁ ମିଳିଲା ନୂଆ ଜୀବନ
- ୧୪ ଡାକ୍ତର,୧୪ ଘଣ୍ଟା ଧରି ଚାଲିଥିଲା ଜଟିଳ ଅସ୍ତ୍ରୋପଚାର

ସମ୍ମତି ପ୍ରଦାନ କରିବାରୁ ରୋଗୀଙ୍କ ପାଇଁ ନୂଆ ଆଶା ସଞ୍ଚାର ହୋଇଥିଲା । ବ୍ୟାପକ ପରୀକ୍ଷା ଓ ଯକୃତ-ବୃକ୍‌କ ପ୍ରତିରୋପଣ ପାଇଁ ସମସ୍ତ ପ୍ରସ୍ତୁତି ପରେ କିମ୍‌ସରେ ଉଭୟ ଅଙ୍ଗର ପ୍ରତିରୋପଣ ଏକସଙ୍ଗେ କରାଯାଇଥିଲା । ବର୍ତ୍ତମାନ ରୋଗୀଙ୍କ ଯକୃତ ଓ ବୃକ୍‌କ ସ୍ୱାଭାବିକ ରହିଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହେବା ପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି । ଏକକାଳୀନ ଉଭୟ ଯକୃତ ଓ ବୃକ୍‌କ ପ୍ରତିରୋପଣ ଅତ୍ୟନ୍ତ ଜଟିଳ ଚିକିତ୍ସା ପ୍ରକ୍ରିୟା । ଦେଶର ହାତଗଣତି କେତେକ ହସ୍ପିଟାଲରେ ଏହି ଚିକିତ୍ସା ସୁବିଧା ଉପଲବ୍ଧ ରହିଛି । କିମ୍‌ସରେ ଏହା ସଫଳତାର ସହ କରାଯାଇପାରିଛି । କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟି ଓ ଓଡ଼ିଶାରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ପ୍ରତି ତାଙ୍କର ପ୍ରତିବଦ୍ଧତା ଏହି ସଫଳତାର ମୁଖ୍ୟ ପ୍ରେରଣା ବୋଲି କିମ୍‌ସ ପକ୍ଷରୁ କୁହାଯାଇଛି । ଏହି ବିରଳ ଅସ୍ତ୍ରୋପଚାରରେ କିମ୍‌ସର ବିଭିନ୍ନ ବିଭାଗର ମୋଟ ୧୪ ଜଣ ଡାକ୍ତର ଓ ବିଶେଷଜ୍ଞ ସାମିଲ୍ ହୋଇଥିଲେ । କିମ୍‌ସର ଯକୃତ ପ୍ରତିରୋପଣ ଶଲ୍ୟ ଚିକିତ୍ସା ବିଭାଗ ମୁଖ୍ୟ ଡା. ସତ୍ୟପ୍ରକାଶ ରାୟ ଚୌଧୁରୀ ଏହି ପ୍ରତିରୋପଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ବୃକ୍‌କ ପ୍ରତିରୋପଣ ଡା. ପ୍ରିୟବ୍ରତ ଦାସ, ଡା. ଦେବାଶିଷ ରାଉତରାୟ ଓ ଡା. ଜ୍ୟୋତିକାନ୍ତ ବେହେରାଙ୍କ ଦ୍ୱାରା ସଂପନ୍ନ ହୋଇଥିଲା । ଏହି ଟିମ୍‌ରେ ଆନାସ୍ଥେସିଆ ବିଭାଗର ଡା. ନିକୁଞ୍ଜ କିଶୋର ରାଉତ ଓ ଡା. ଶକ୍ତି ସ୍ୱରୂପ, କ୍ରିଟିକାଲ୍ କେୟାର ବିଭାଗର ଡା. ଅରୁଣ ରଥ ଏବଂ ରେଡିଓଲୋଜି ବିଭାଗର ଡା. ବିପିନ ବିହାରୀ ପ୍ରଧାନ ସାମିଲ ଥିଲେ । ଏହାସହ ଅଙ୍ଗଦାତାଙ୍କ ଚିକିତ୍ସା ଓ ପରିଚାଳନାରେ ଡ. ସୁଜିତ କୁମାର ପ୍ରଧାନ, ଡ. ଦେବୀପ୍ରସାଦ ଦାଶ ଓ ଡ. ତପସ ରଞ୍ଜନ ଲେଙ୍କାଙ୍କ ସମେତ କ୍ରିଟିକାଲ୍ କେୟାର ଟିମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଏହି ସଫଳତା ପାଇଁ ପ୍ରତିଷ୍ଠାତା ଡ. ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳଙ୍କୁ ଶୁଭେଚ୍ଛା ଜଣାଇବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି ।

ୱାଟ୍‌କୋ ପାଣି ମିଟର ଚୋରି ରାକେଟ୍‌ର ପର୍ଦ୍ଦାଫାସ

କଟକ, ୨୩/୧୧ ନ୍ୟୁଜ ବ୍ୟୁରୋ

କଟକ ସିଡିଏ ଅଞ୍ଚଳରେ ବଢ଼ିଚାଲିଥିବା ୱାଟ୍‌କୋ ପାଣି ମିଟର ଚୋରି ଘଟଣା ଉପରୁ ପର୍ଦ୍ଦା ହଟାଇଛି ମର୍କତନଗର ଥାନା ପୋଲିସ । ଏହି ଚୋରି ଘଟଣାରେ ସମ୍ପୃକ୍ତ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ପୋଲିସ ଗିରଫ କରିଥିବାବେଳେ ଦୁଇଜଣ ନାବାଳକଙ୍କୁ ମଧ୍ୟ ଧରିଛି । ସେମାନଙ୍କ ନିକଟରୁ ଚୋରି ହୋଇଥିବା ୧୬ଟି ୱାଟକୋ ପାଣି ମିଟର ଉଦ୍ଧାର କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ସିଡିଏର ବିଭିନ୍ନ ସ୍ଥାନରୁ ଲଗାତାର ପାଣି ମିଟର ଚୋରି ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା ।

ବୋଇତ ବନ୍ଦାଣ ପୂର୍ବରୁ ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଇଣ୍ଡୋନେସିଆର ଚାର୍ଜ ଡି ଆଫେୟାର୍ସ



ଭୁବନେଶ୍ୱର, ୨୩/୧୧ ନ୍ୟୁଜ ବ୍ୟୁରୋ

ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା । ବୋଇତ ବନ୍ଦାଣ ପାଇଁ ସାରା ଓଡ଼ିଶା ମୁଖରିତ । ଅତୀତରେ ଓଡ଼ିଆ ସାଧବ ପୁଅ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ଯାତ୍ରାରେ ବିଦେଶ ଯାଇ ବଣିଜ କରି ରାଜ୍ୟ ପାଇଁ ସମୃଦ୍ଧି ଆଣୁଥିଲେ । ଇଣ୍ଡୋନେସିଆର ବାଲି, ସୁମାତ୍ରା ଥିଲା ଆମର ବାଣିଜ୍ୟିକ ସମ୍ପର୍କର ପ୍ରମୁଖ କେନ୍ଦ୍ର । ଇଣ୍ଡୋନେସିଆ ସହ ଓଡ଼ିଶାର ସାଂସ୍କୃତିକ ଓ ଐତିହାସିକ ସମ୍ପର୍କକୁ ଏବଂ ତାଙ୍କର ସାହସିକ କାର୍ଯ୍ୟ ଦ୍ୱାରା ଆହୁରି ସୁଦୃଢ କରିଥିଲେ ମହାନ ଜନନାୟକ ବିଜୁ ପଟ୍ଟନାୟକ । ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମରେ ତାଙ୍କର ଅବଦାନକୁ ଇଣ୍ଡୋନେସିଆ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରି ଆସିଛି । ବୋଇତ ବନ୍ଦାଣର ପୂର୍ବ ସନ୍ଧ୍ୟାରେ ସୋମବାର ନବୀନ ନିବାସରେ ଇଣ୍ଡୋନେସିଆର ଚାର୍ଜ ଡି ଆଫେୟାର୍ସ ୟୋଦ୍ଧ ଶାସଙ୍ଗେକୋଙ୍କ ନେତୃତ୍ୱରେ ଇଣ୍ଡୋନେସିଆର ଏକ କୂଟନୈତିକ ପ୍ରତିନିଧି ଦଳ ନବୀନ ନିବାସରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଥିଲେ । ଏହି ଅବସରରେ ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ରହି ଆସିଥିବା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ବିଷୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ମଙ୍ଗଳବାର ହେଉଥିବା ବୋଇତ ବନ୍ଦାଣ ଉତ୍ସବ ଓ ତା'ର ଐତିହାସିକ, ସାଂସ୍କୃତିକ ମହତ୍ୱ ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରିଥିଲେ । ଶ୍ରୀ ଶାସଙ୍ଗେକୋ କହିଥିଲେ ଯେ ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମରେ ମହାନ ଜନନାୟକ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଇଣ୍ଡୋନେସିଆ ବାସୀ ଶ୍ରଦ୍ଧା ଓ ସମ୍ମାନର ସହ ମନେ ରଖିଛନ୍ତି । ଦୁଇ ଦେଶ ମଧ୍ୟରେ ସମ୍ପର୍କ ଆଗକୁ ଆହୁରି ନିବିଡ ହେବ ବୋଲି ସେ ଆଶାବାଦୀ ଥିବା ମତ ପ୍ରକାଶ କରିଥିଲେ ।



ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ । (ଫଟୋ : ସମ୍ବାଦ କଳିକା)



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପକସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋଦ୍ଧସା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

ମହାପ୍ରଭୁଙ୍କ ଦର୍ଶନ ସାନିଧ୍ୟ ନେଲେ ଯୋଗଗୁରୁ ବାବା ରାମଦେବ



ପୁରୀ, ୨୩/୧୧ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ଦର୍ଶନ ସାନିଧ୍ୟ ନେଲେ ଯୋଗଗୁରୁ ବାବା ରାମଦେବ । ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ଅବସରରେ ମହାପ୍ରଭୁଙ୍କ ଦର୍ଶନ କରି ଭାବ ବିହ୍ୱଳ ହୋଇଛନ୍ତି ବାବା ରାମଦେବ । ଦର୍ଶନ ପରେ ଯୋଗଗୁରୁ ବାବା ରାମଦେବ ସନାତନ ଧର୍ମକୁ ନେଇ ବଡ଼ ବୟାନ ରଖିଛନ୍ତି । ସନାତନ ଧର୍ମର ଗୌରବକାଳ, ପୁରଷାର୍ଥ ଓ ବୈଜ୍ଞାନିକ ଦୃଷ୍ଟିକୋଣରେ ଆଗେଇବାକୁ ଆହ୍ୱାନ ଦେଇଛନ୍ତି ବାବା ରାମଦେବ । ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀରାମ, ଶ୍ରୀକୃଷ୍ଣ ଓ ଭଗବାନ ଶିବଙ୍କ ଆଶୀର୍ବାଦ କାମନା କରି ବାବା ରାମଦେବ କହିଛନ୍ତି ଯେ ସମସ୍ତ ଜୀବଙ୍କର ଆତ୍ମ ମଙ୍ଗଳ, ଲୋକ ମଙ୍ଗଳ ଓ ବିଶ୍ୱର ମଙ୍ଗଳ ହେଉ । ଏହା ସହିତ ଅମଙ୍ଗଳକାରୀ ଓ ଆସୁରୀ ଶକ୍ତିଗୁଡ଼ିକର ବିନାଶ ପାଇଁ ସେ ପ୍ରାର୍ଥନା କରିଛନ୍ତି । ବର୍ତ୍ତମାନ ସମୟକୁ 'ସନାତନର ଗୌରବ କାଳ' ବୋଲି ଅଭିହିତ କରି ସେ କହିଛନ୍ତି ଯେ ଲକ୍ଷ ଲକ୍ଷ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତର ନାଗରିକ ବିଶ୍ୱର ପ୍ରଥମ ଶ୍ରେଣୀର ନାଗରିକ ହେବେ । ଭାରତର ମୁଦ୍ରା, ଜିଡିପି, ଅର୍ଥନୀତି ଏବଂ ଅଭିବୃଦ୍ଧି ହାର ବିଶ୍ୱରେ ଶ୍ରେଷ୍ଠ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କେବଳ ଭାଗ୍ୟବାଦୀ ନ ହୋଇ ବ୍ୟକ୍ତିଗତ, ସାର୍ବଜନୀନ ଓ ସରକାରୀ ସ୍ତରରେ ସମସ୍ତଙ୍କୁ ପୁରୁଷାର୍ଥ କରିବାକୁ ପଡ଼ିବ । ଶିକ୍ଷା, ଚିକିତ୍ସା, ଶାସନ, ଅର୍ଥ ଓ କୃଷି କ୍ଷେତ୍ରରେ ସନାତନ ଓ ବେଦ ତନ୍ତ୍ରର ପ୍ରତିଷ୍ଠା ସହ ଧର୍ମ, ଅର୍ଥ, କାମ ଓ ମୋକ୍ଷ,ଏହି ପୁରୁଷାର୍ଥ ଚତୁଷ୍ଟୟର ସିଦ୍ଧି ପାଇଁ ସେ ଆହ୍ୱାନ ଦେଇଛନ୍ତି ।

ଢୋଙ୍ଗ, ଆଡ଼ମ୍ବର, ପାଖଣ୍ଡ, ଅନ୍ଧବିଶ୍ୱାସ, ଭୂତ-ପ୍ରେତ ଭଳି ଅବୈଜ୍ଞାନିକ କଥାଠାରୁ ଦୂରେଇ ରହି ତର୍କ, ତଥ୍ୟ, ପ୍ରମାଣ ଏବଂ ସମ୍ବିଧାନର ଭାଷା ସହ ବୈଜ୍ଞାନିକ ମନୋଭାବ ନେଇ ଜୀବନରେ ଆଗେଇ ଚାଲିବାକୁ ସେ ପରାମର୍ଶ ଦେଇଛନ୍ତି । ସନାତନ ଧର୍ମର କୌଣସି ତୀର୍ଥ, ଦେବୀ-ଦେବତା, ଗୁରୁ କିମ୍ବା ପ୍ରାମାଣିକ ସାଧୁସନ୍ଥ-ମହାତ୍ମାଙ୍କ ଉପରେ କୌଣସି ପ୍ରକାର ପ୍ରହାର ବରଦାସ୍ତ କରାଯିବ ନାହିଁ ବୋଲି ସେ କଡ଼ା ଚେତାବନୀ ଦେଇଛନ୍ତି ।


ପାରାଦୀପ ବନ୍ଦର ପ୍ରାଧିକରଣ
ବୋଇତ ବନ୍ଦାଣ ଉତ୍ସବ
ମେଜର୍'ରୁ ମେଗା ପୋର୍ଟ
ଭାରତର ପୂର୍ବ ଉପକୂଳ ନୌବାଣିଜ୍ୟିକ ଭବିଷ୍ୟତକୁ ଶକ୍ତି ପ୍ରଦାନ
୧୫୬.୪୫
ନିୟୁତ ମେଟ୍ରିକ ଟନ୍
(ଆର୍ଥିକ ବର୍ଷ ୨୦୨୫-୨୬)
ପାରାଦୀପ ବନ୍ଦର ପ୍ରାଧିକରଣ
ଜଗତସିଂହପୁର, ପାରାଦୀପ - ୭୫୪୧୪୨
/ParadipPortAuthority /ParadipPortAuthority @ParadipPort /ParadipPortAuthority